ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଫେବୃୟାରୀ, ୨୦୨୩



# ବିଭାଗ ବଦଳାଇ ଲୁଟ୍ ଯୋଜନା

**ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତା**



ଚଣ୍ଡିଖୋଲ,୮।୨(ଡି.ଏନ୍.ଏ.): ରାସ୍ତା ନିର୍ମାଣ ନାମରେ କେତେକ ବିଭାଗ ତରଫରୁ ଲୁଟ୍ କରାଯାଉଥିବା ଅଭିଯୋଗ ହେଉଛି। ଏପରି କି ଗୋଟିଏ ରାସ୍ତାକୁ ବିଭାଗ ବଦଳାଇ ନିମ୍ନମାନର କାମକରି ବାରମ୍ବାର ଟେଣ୍ଡର କରାଯାଉଛି। ଏହାଦ୍ୱାରା ବିଭାଗୀୟ ଅଧିକାରୀ ଓ ଠିକାଦାର ମାଲାମାଲ ହେଉଥିବାବେଳେ ସାଧାରଣ ଲୋକଙ୍କ ସମସ୍ୟା କିନ୍ତୁ ଦୂର ହେଉନାହିଁ। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡ଼ଚଣା ବ୍ଲକ ଚାରିବାଟିଆ ପୂର୍ତ୍ତ ବିଭାଗ ଡିଭିଜନ ଅନ୍ତର୍ଗତ ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତାରେ। ଏହି ରାସ୍ତାଟି ବିରୂପା ନଦୀବନ୍ଧ । ଏହା କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ପୂର୍ବରୁ ଥିଲା। ୨୦୧୪ରୁ ୨୦୧୬ ମଧ୍ୟରେ ଏହି ରାସ୍ତାର ଉନ୍ନତୀକରଣ ପାଇଁ ବିଭାଗ ପକ୍ଷରୁ ୧୪ କୋଟି ୮୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ସମ୍ପୃକ୍ତ ରାସ୍ତା କାମ ନିମ୍ନମାନର ହେବାରୁ ନିର୍ମାଣର ୨ମାସ ମଧ୍ୟରେ ପିଚୁ ଉଠିଗଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗକ୍ରମେ ତତ୍କାଳୀନ ଜଳ ସମ୍ପଦ ସଚିବ ପ୍ରଦୀପ ଜେନା ୨୦୧୭ରେ ରାସ୍ତାର ନିରୀକ୍ଷଣ କରିବାକୁ ଆସିଥିଲେ। ସେ ସମୟରେ ରାସ୍ତାକାର୍ଯ୍ୟ ଠିକା ନେଇଥିବା ଓଡ଼ିଶା କନ୍ଷ୍ଟ୍ରକଶନ୍ କମ୍ପାନୀ (ଓସିସି)ର ଜେନେରାଲ ମ୍ୟାନେଜରଙ୍କୁ ନିଲମ୍ବିତ କରିଥିଲେ ଏବଂ ଠିକା ସଂସ୍ଥାକୁ କଳାତାଲିକାଭୁକ୍ତ କରିଥିଲେ। ଦ୍ୱିତୀୟ ବାର ପିଚୁ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ।

ଏହାପରେ ୨୦୧୮ରେ ଜଳ ସମ୍ପଦ ବିଭାଗ ତରଫରୁ ପୁନର୍ବାର ରାସ୍ତାକାର୍ଯ୍ୟ ମରାମତି ନାମରେ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ୨୦୧୯ରେ ସେହି ରାସ୍ତାର ମରାମତି ପାଇଁ ପୁନର୍ବାର ୧୮ଲକ୍ଷ ଟଙ୍କା ଖର୍ଚ୍ଚ କରାଗଲା। ୨୦୧୯ ଡିସେମ୍ବର ୨୩ରେ ଏହାକୁ ଚାରିବାଟିଆ ପୂର୍ତ୍ତ ବିଭାଗ ଅଧୀନକୁ ହସ୍ତାନ୍ତର କରାଗଲା। ପୂର୍ତ୍ତ ବିଭାଗ ତରଫରୁ ୧୦ କି.ମି. ୨୦୦ ମିଟର ରାସ୍ତାକୁ ବଢ଼ାଯାଇ ୧୧ କି.ମି. ୨୦୦ ମିଟର କରିଦିଆଗଲା। ୨୦୨୧ରେ ଚାରିବାଟିଆ ଡିଭିଜନ୍ ଓ ବଡ଼ଚଣା ସବ୍‌ଡିଭିଜନ୍ ଅଧୀନରେ ମରାମତି ନାମରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଗଲା। ଏହି ଖର୍ଚ୍ଚ ହେବାପରେ ୨୦୨୧ ନଭେମ୍ବରରେ ରାସ୍ତାକୁ ୨ ଭାଗରେ ବିଭକ୍ତ କରାଯାଇ ଟେଣ୍ଡର କରାଗଲା। ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟର ରାସ୍ତାକୁ ୯ କୋଟି ୯୭ ଲକ୍ଷ ଟଙ୍କା ଓ କଳାଶ୍ରୀଠାରୁ ବେଣୀପୁର ପର୍ଯ୍ୟନ୍ତ ୫ କି.ମି. ୫୦୦ ମିଟରକୁ ୧୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ଖର୍ଚ୍ଚ କରାଗଲା। ରାସ୍ତା ନିର୍ମାଣ ଅବଧି ୯ ମାସ ଥିବା ବେଳେ ଅଦ୍ୟାବଧି କାମ ସରିନାହିଁ। ଏପରି କି ରାସ୍ତାର ଓସାର ୮.୫ ମିଟର ହେବାକୁ ଥିବାବେଳେ ଏହା ମଧ୍ୟରୁ ୫.୫ ମିଟର ଓସାର ପିଚୁ ଓ ଉଭୟ ପାର୍ଶ୍ୱରେ ୧.୫ ମିଟର ଲେଖାଏ ମାଟି ଏବଂ ମୋରମ ରାସ୍ତା ତିଆରି ହେବ ବୋଲି ବିଭାଗୀୟ ଚୁକ୍ତିପତ୍ରରେ ଉଲ୍ଲେଖ ରହିଛି। ଏହାକୁ ଅଣଦେଖା କରାଯାଇ ରାସ୍ତାର ଓସାରକୁ ୬.୫ ମିଟରରେ ସୀମିତ ରଖାଯାଇଛି। ଏହାପରେ ଏହି ରାସ୍ତାର ପୁନର୍ବାର ୮୩ କୋଟି ୪୬ ଲକ୍ଷ ୪୮ହଜାର ଟଙ୍କା ବ୍ୟୟବରାଦ ହେବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ସମ୍ପୃକ୍ତ ରାସ୍ତାଟି ବାଲିଚନ୍ଦ୍ରପୁର ୫୩ ନଂ. ଜାତୀୟ ରାଜପଥଠାରୁ ବରୀ ପର୍ଯ୍ୟନ୍ତ ଭାୟା ବେଣାପୁର ଦେଇ ଯିବ ବୋଲି ସ୍ଥିରୀକୃତ ହୋଇଛି। ସେଥିପାଇଁ ସମ୍ପୃକ୍ତ ରାସ୍ତାକୁ ଏବେ ଚାରିବାଟିଆ ଡିଭିଜନ୍‌ରୁ ବଦଳାଇ ଦିଆଯାଇ ପାଣିକୋଇଲି ଡିଭିଜନକୁ ହସ୍ତାନ୍ତର କରାଯାଇଛି। ଚାରିବାଟିଆ ଡିଭିଜନର କାମ ନ ସରିଥିବା ବେଳେ ପୁନର୍ବାର ଗତ ଡିସେମ୍ବର ୨୨ରେ ଚିଠି ନଂ. ୧୮୬୭୮ରେ ପୂର୍ତ୍ତ ବିଭାଗ ତରଫରୁ ଓସ୍‌ଡମାର ନିର୍ବାହୀ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି। ଓସ୍‌ଡମା ପକ୍ଷରୁ ଟଙ୍କା ପ୍ରଦାନ କରାଗଲା ପରେ ରାସ୍ତା ନିର୍ମାଣ କାମ ଆରମ୍ଭ ହେବ। ମାତ୍ର ୮ ବର୍ଷ ଅନ୍ତରରେ ଗୋଟିଏ ରାସ୍ତାକୁ ୩ ବିଭାଗକୁ ବଦଳି କରାଯିବାର ଉଦ୍ଦେଶ୍ୟ କ'ଣ ଥାଇପାରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏହି ଘଟଣାର ଜିଲାପାଳ ତଦନ୍ତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଚାରିବାଟିଆ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ସମ୍ପୃକ୍ତ ରାସ୍ତାଟି ପାଣିକୋଇଲି ଡିଭିଜନ୍ କରିବ କି ନାହିଁ ମୁଁ କହିପାରିବି ନାହିଁ। ପାଣିକୋଇଲି ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ ଆଲୋକ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ରାସ୍ତାର ସର୍ଭେ କାମ ସରି ଟେଣ୍ଡରକୁ ଯାଇଛି। ତେଣୁ ଅଧିକ କିଛି କହିପାରିବି ନାହିଁ।

## ସଂକ୍ଷେପରେ

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

ପାଣିକୋଇଲି,୮।୨(ଡି.ଏନ.ଏ.): ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଯାଜପୁରରୋଡ୍ ଭୂମିକା ଚକ୍ଷୁ ଚିକିତ୍ସାଳୟ ସହାୟତାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରା ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରରେ ମୋଟ୍ ୩୦ ଜଣଙ୍କ ରୋଗୀ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଭୂମିକା ପକ୍ଷରୁ ଚିକିତ୍ସକ ଅଭିଲିପ୍ସା ମହାରଣା, ରଞ୍ଜିତା ସାହୁ, ସତ୍ୟରଞ୍ଜନ ରାଉତ, ସୁଧାଂଶୁ ଶେଖର ଦାସ ଓ ଅଜୟ କୁମାର ଦାସ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ବୃନ୍ଦାବନ ଜେନା, ଗୌରାଙ୍ଗ ବାରିକ, ରାମ ଚନ୍ଦ୍ର ମଲିକ, ମୁରଲୀ ଖଣ୍ଡାଇ, ରଘୁନାଥ ମାଝି, ଉମାକାନ୍ତ ଖଣ୍ଡାଇ, ଅଦ୍ୱୈତ୍ୟ ଚରଣ ଦାଶ, ପତିତ ପାବନ ପାଢ଼ୀ, ସୁରେନ୍ଦ୍ର ସେଠୀ, ପୂର୍ଣ୍ଣାନନ୍ଦ ପରିଡ଼ା, ଅଭିରାମ ବାରିକ, ସୁଦର୍ଶନ ପହି, ଚନ୍ଦ୍ରମଣି ସ୍ୱାଇଁ, ରାମଚନ୍ଦ୍ର ବେହେରା ଓ ସନାତନ ବିଶ୍ୱାଳ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମା' ଧାନଗାଯ୍ୟୀ ପୀଠରେ ଚଣ୍ଡୀପାଠ, କଳସଯାତ୍ରା

ସିଂହପୁର,୮।୨(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବେଉରିଆ ସାହିର ଇଷ୍ଟଦେବୀ ମା' ଧାନଗାୟୀ ପୀଠରେ ସପ୍ତଶତୀ ଚଣ୍ଡିପାଠ, ଶାନ୍ତିହୋମ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୫୪ ଜଣ ଭକ୍ତଙ୍କ ଦ୍ୱାରା କଳସ ଯାତ୍ରା ସିଂହପୁର ଗ୍ରାମ ପ୍ରଦକ୍ଷୀଣ ହୋଇଥିଲା। ପଣ୍ଡିତ ମହେଶ୍ୱର ନନ୍ଦ, ରବୀନ୍ଦ୍ର କୁମାର ପତି, ସରୋଜ କୁମାର ପତି କାର୍ଯ୍ୟ ସମ୍ପାଦନ କରିଥିଲେ। ବସନ୍ତ ବେଉରିଆ, ଶ୍ରୀପତି ବେଉରିଆ, ଧୀରେନ୍ଦ୍ର ବେଉରିଆ, ନିରଞ୍ଜନ ବେଉରିଆ, ଦିଲୀପ ବେଉରିଆ, ରାଜକିଶୋର ବେଉରିଆ ଓ ସସ୍ମିତା ବେଉରିଆଙ୍କ ସମେତ ବେଉରିଆ ସାହିର ଜନସାଧାରଣ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

### ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

ସିଂହପୁର,୮।୨(ଡି.ଏନ.ଏ.): ବିଞ୍ଝାରପୁର ପୂର୍ବତନ ବିଧାୟକ ଅର୍ଜୁନ ଚରଣ ଦାସଙ୍କ ଅକାଳ ବିୟୋଗରେ ସିଂହପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ଘନଶ୍ୟାମ ଦାସ, ନିରଞ୍ଜନ ଦାସ, କଳାକର ପାତ୍ର, କୃଷ୍ଣଚନ୍ଦ୍ର ଥାଟୋଇ, ପ୍ରଦୀପ ଜେନା, ଅଜୟ ଓଝା, ନାରାୟଣ ଚନ୍ଦ୍ର ଦାସ, ସୁବାସ ପ୍ରଧାନ ପ୍ରମୁଖ ଯୋଗଦେଇ ଦାସଙ୍କ ସ୍ମୃତିଚାରଣ କରିଥିଲେ। ଜରିର ପୂର୍ବତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଯୁବନେତା ମନୋଜ ସାମଲ ତାଙ୍କ ବାସଭବନ ବିଜିପୁର ଯାଇ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଉମେଶ ଚନ୍ଦ୍ର ଦାସ, ଜରି ସରପଞ୍ଚ ନନ୍ଦକିଶୋର ମଲିକ, ସୁବ୍ରତ ସାମଲ, ପ୍ରାକ୍ତନ ସରପଞ୍ଚ ସନ୍ଧ୍ୟାରାଣୀ ପାତ୍ର ଓ ଅମର ମଲିକ ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ।

## ଶ୍ରୀଗଣେଶ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୮।୨(ଡି.ଏନ.ଏ.): ଯାଜପୁର ନଗର ଶ୍ରୀଗଣେଶ ବିଦ୍ୟା ମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତିଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ବିକାଶ ନିମନ୍ତେ ସମସ୍ତ ଅଭିଭାବକ ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଉପପୌରପାଳ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ ଶିଶୁଙ୍କ ବାଲ୍ୟାବସ୍ଥାରୁ ମା'ମାନେ ଯଦି ଠିକ୍ ଶିକ୍ଷା ଦେଇ ପାରିବେ ତେବେ ଶିଶୁ ନିଶ୍ଚିତ ଭାବେ ଉତ୍ତମ ନାଗରିକ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ। ବରେଣ୍ୟ ଅତିଥିରୂପେ ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ସମ୍ମାନିତ ଅତିଥି ଯଜ୍ଞପ୍ରଭାର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଅଭିଭାଷଣ ରଖିଥିଲେ। ବିଦ୍ୟା ବିକାଶ ସମିତି ସମ୍ପାଦକ ଯେଗେନ୍ଦ୍ରନାଥ ବସ୍ତିଆ, ଉପସଭାପତି ସୁରେଶ ପଣ୍ଡା, ସଂଗଠନ ସମ୍ପାଦକ ନରହରି ସେନ, ଅଖିଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟା ପ୍ରଭାତୀ ବେହୁରା ସ୍ୱାଗତ ସମ୍ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଭାପତି ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିବା ବେଳେ ନବକିଶୋର ନାୟକ ଓ ତରଣୀ ରଶ୍ମିଶେଖର ମହାରଣ୍ୟ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।

## ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଦିବ୍ୟାଙ୍ଗ ଚିହ୍ନଟ ଶିବିର




ଦିବ୍ୟାଙ୍ଗ ଚିହ୍ନଟ ଶିବିରରେ ଯୋଗଦେଇଥିବା ଅତିଥି।

କାଳିଆପାଣି,୮।୨(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସାର୍ଟିଫିକେଟ ପ୍ରଦାନ ପାଇଁ ଟାଟା ଷ୍ଟିଲ୍ ମାଇନିଂ ପକ୍ଷରୁ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ମାଇନିଂ ସୁକିନ୍ଦା କଲୋନୀର କାଟେପୂର୍ତ୍ତି ଅଡିଟୋରିୟମଠାରେ ବୁଧବାର ଅନୁଷ୍ଠିତ ଏହି ଶିବିରରେ ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଥିବା ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରିବା ପରେ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। କମ୍ପାନୀ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ କାର୍ଯ୍ୟ କରୁଥିବା ସବଲ ସେଣ୍ଟରର କର୍ମଚାରୀ ଟାଟା ଫାଉଣ୍ଡେଶନ ସହାୟତାରେ ପ୍ରତି ଗ୍ରାମରେ ବୁଲି ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଶିବିରକୁ ଆଣିଥିଲେ। ଶିବିରକୁ କମ୍ପାନୀର ବରିଷ୍ଠ ମହାପ୍ରବନ୍ଧକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଡା. ଅନୁପ କୁମାର ନାଥଶର୍ମାଙ୍କ ନେତୃତ୍ୱରେ ଡା. ଶ୍ରୀକାନ୍ତ ଜେନା, ଡା. ପ୍ରଭାସ ରଞ୍ଜନ ପଣ୍ଡା, ଡା. ସିନୁ ପ୍ରିୟଦର୍ଶିନୀ ପାତ୍ର, ଡା. ସ୍ନେହାଶିଷ ଦୀକ୍ଷିତ, ଡା. ରଶ୍ମିରଞ୍ଜନ ଶତପଥୀ ଓ ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କୁ ପରୀକ୍ଷା ଚିହ୍ନଟ କରିଥିଲେ। ଶିବିରରେ କଅଁସ, କାଳିଆପାଣି, ରାଁସୋଳ, କାଙ୍କଡ଼ପାଳ, କୁହିକା ଓ ପିମ୍ପୁଡ଼ିଆ ଆଦି ପଞ୍ଚାୟତରୁ ୧୩୮ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଆଗାମୀ ଦିନରେ ସାର୍ଟିଫିକେଟ ପ୍ରଦାନ କରାଯିବ। ଶିବିରକୁ ପ୍ରତ୍ୟକ୍ଷଭାବେ ପ୍ରଶାସନିକ ସହ ମୁଖ୍ୟ ସଞ୍ଜୀବ ସାହୁ ତଦାରଖ କରିଥିବାବେଳେ ଟାଟା ଫାଉଣ୍ଡେଶନର ୟୁନିଟ ମୁଖ୍ୟ ପ୍ରଭଞ୍ଜନ ମୁଖାର୍ଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୨ ଯୁବକ ଆହତ

ଧର୍ମଶାଳା,୮।୨(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ୫୩ନଂ. ଜାତୀୟ ରାଜପଥର ଗାନ୍ଧିଛକଠାରେ ବୁଧବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଆରୋହୀ ଗୁରୁତର ହୋଇଛନ୍ତି। ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳିପୁର ଗ୍ରାମର ରତିକ ଖାଁ ବୁଲେଟରେ ଚଣ୍ଡିଖୋଲ ଆସୁଥିବାବେଳେ ହରିଚନ୍ଦନପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ବାଇକ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ ଚାଳକ ପଡ଼ି ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମା' ଭଗବତୀଙ୍କ ପୀଠରେ ପୂଜୋତ୍ସବ : ୩୭ ବୋଦା ବଳି

ଜଳେଶ୍ୱର, ୮।୨(ଡି.ଏନ.ଏ.) ପ୍ରତିବର୍ଷ ପରି ଜଳେଶ୍ୱର ବ୍ଲକର ନଛିମପୁର ପଞ୍ଚାୟତ ଅଧୀନ ଆମ୍ବଳିଅଠା ଗ୍ରାମରେ ମା' ଭଗବତୀଙ୍କ ପୀଠରେ ବାର୍ଷିକ ପୂଜୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଗ୍ରାମ ଚଣ୍ଡୀଦେବୀଙ୍କ ନିକଟରେ ଖଇଭୋଗ ଅର୍ପଣ କରିଥିବା ବେଳେ ମଧ୍ୟରାତ୍ରିରେ ୩୭ଟି ବୋଦା (ଅଣ୍ଡିରାଛେଳି)କୁ ମା' ଭଗବତୀଙ୍କ ସମ୍ମୁଖରେ ବଳି ଦିଆଯାଇଛି । ଶ୍ରଦ୍ଧାଳୁମାନେ ଆଖପାଖ ଗ୍ରାମରୁ ଆସି ଦେବୀଙ୍କ ନିକଟରେ ବଳି ଦେଇଛନ୍ତି। ଅନ୍ୟ ୧୫ଟି ବୋଦାକୁ ଶ୍ରଦ୍ଧାଳୁମାନେ ଦେବୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରି ବଳି ନ ଦେଇ ଛାଡି ଦେଇଥିବା ଦେଖିବାକୁ ମିଳିଛି ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଅତିଥି।

ଯାଜପୁର ଟାଉନ,୮।୨(ଡି.ଏନ.ଏ.): ଯାଜପୁର ବ୍ଲକ୍ ଅନ୍ତର୍ଗତ ନାଥସାହି ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କଲେଜ ଅଧକ୍ଷ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଗତ ୩୦ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ବାଳିକମାନେ ବିଭିନ୍ନ ପ୍ରକାର ଆତ୍ମରକ୍ଷା କୌଶଳ ଶିକ୍ଷା ଲାଭ କରିଥିଲେ। ଉଦ୍‌ଯାପନୀ ସଭାରେ ପ୍ରାଧ୍ୟାପକ ବିଜୟ କେତନ ରଥ, ଜ୍ଞାନଚାନ୍ଦ ଦାସ, ରାଜକିଶୋର ପଣ୍ଡା, ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆତ୍ମରକ୍ଷା କୌଶଳ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜକ ଅଧ୍ୟାପକ ଜ୍ଞାନେନ୍ଦ୍ର ବଲ୍ଲଭ ରାଉତରା, ଟ୍ରେନର ଭାଗ୍ୟଶ୍ରୀ ମହାପାତ୍ର ଓ ରେଜିଆ ବେଗମ୍ ଯୋଗଦେଇ ଶିବିରର ଉପାଦେୟତା ସମ୍ପର୍କରେ ସଚେତନତା କରାଇଥିଲେ। ସଭାରେ ପର୍ଶୁରାମ ମହାପାତ୍ର, ରଶ୍ମିତା ମହାନ୍ତି, ବ୍ରଜକିଶୋର ପୃଷ୍ଟି, ନିତ୍ୟାନନ୍ଦ ଆଇଚ ଓ ମଦନ ଯେନା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନ, ରେଷ୍ଟୁରାଣ୍ଟକୁ ବିରୋଧ

ଯାଜପୁର ଟାଉନ,୮।୨(ଡି.ଏନ.ଏ): ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଧାର୍ମିକ କ୍ଷେତ୍ର ନିକଟରେ ଠିପି ଖୋଲା ମଦ ଦୋକାନ ଓ ରେଷ୍ଟୁରାଣ୍ଟକୁ ବିରୋଧ କରଯାଇଛି। ଏନେଇ ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତର ଗ୍ରାମବାସୀ ଯାଜପୁର ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଅନୁଯାୟୀ, ଯାଜପୁର ଟାଉନ ବିଞ୍ଝାରପୁର ରାସ୍ତାର ଅରେଇ ମଇନ୍ଦା ରୋଡ୍ ୫୦୯ ଖାତା ନମ୍ବର ବଡ଼ପାଳ ମୌଜାର ୧୭୩୮ ପ୍ଲଟ୍‌ରେ ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନ ଓ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରସ୍ତାବିତ ମଦ ଦୋକାନ ସଂଲଗ୍ନକୁ ଲାଗି ବାବା ବରୁଣେଶ୍ୱର ପୀଠ ଅବସ୍ଥିତ। ଏତଦ୍‌ବ୍ୟତୀତ ଏହି ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନକୁ ଲାଗି ଦଳିତ ବସ୍ତି, ଅରେଇ ପ୍ରାଥମିକ ବିଦ୍ୟାଳୟ, ଅନତି ଦୂରରେ ବରୁଣେଶ୍ୱର ମହାବିଦ୍ୟାଳୟ ଓ ବରୁଣେଶ୍ୱର ହାଇସ୍କୁଲ ମଧ୍ୟ ଅବସ୍ଥିତ। ପ୍ରସ୍ତାବିତ ଠିପି ଖୋଲା ମଦ ଦୋକାନ ଦେଇ ବିଦ୍ୟାଳୟରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯାଇଥାଆନ୍ତି। ଏଠାରେ ପ୍ରସ୍ତାବିତ ମଦ ଦୋକାନ ଖୋଲାଗଲେ ମଦ୍ୟପ ଓ ଅସମାଜିକ ବ୍ୟକ୍ତଙ୍କ ଆଡାସ୍ଥଳି ପାଲଟିବ। ତେଣୁ ଠିପିଖୋଲା ମଦ ଦୋକାନ ଓ ରେଷ୍ଟୁରାଣ୍ଟ ନ ଖୋଲିବାକୁ ଅରେଇ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ପଞ୍ଚାୟତର ଜନସାଧାରଣ ଜିଲା ପ୍ରଶାସନକୁ ଜଣାଇଛନ୍ତି। ଜିଲା ପ୍ରଶାସନ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଶାଳା,୮।୨(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ଅଧୀନ ଗଙ୍ଗାଧରପୁରସ୍ଥିତ ପତିତପାବନ ସରକାରୀ ନୋଡାଲ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବ୍ୟାପୀ ଅନୁଷ୍ଠିତ କ୍ରୀଡ଼ାର ଉଦ୍‌ଯାପନୀ ଦିବସରେ ପୁରସ୍କାର ବିତରଣ ଓ ବିଦାୟୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା ଯୋଗଦେଇ ବିଦାୟୀ ଶିକ୍ଷକ ମନମୋହନ ନାୟକ, ଶିକ୍ଷୟିତ୍ରୀ ଭଞ୍ଜନା ସାହୁ ଓ ପ୍ରତିମା ଜେନାମଣିଙ୍କୁ ମାନପତ୍ର ଓ ଉପଢ଼ୌକାନ ଦେଇ ସମ୍ବର୍ଦ୍ଧିତ କରିବା ସହ ବାର୍ଷିକ କ୍ରୀଡ଼ାରେ ଚାମ୍ପିୟନ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ନାୟକ ଓ ସମ୍ମାନିତ ଅତିଥି ସରପଞ୍ଚ ତ୍ରିଲୋଚନ ଜେନା, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ମୋ ସ୍କୁଲ ଅଭିଯାନର ସଭାପତି ଇଂ. ନିରଞ୍ଜନ ମିଶ୍ର, ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ସାମଲ ଯୋଗଦେଇ ପାଠ ପଢ଼ା ସହ ଖେଳକୁଦର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ନାରାୟଣ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅକ୍ଷୟ ଦାଶ ସ୍ୱାଗତ ଭାଷଣ ଦେଇ ସଭା ସଞ୍ଚାଳନା କରିଥିଲେ। ଶିକ୍ଷକ ଅମୂଲ୍ୟ କୁମାର ଲେଙ୍କା କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଶାନ୍ତନୁ ପହି, ଶୁଭସ୍ମିତା ଧଳ, ସୋମନାଥ ସ୍ୱାଇଁ ଓ ପ୍ରଜ୍ଞାଶ୍ରୀ ଜେନା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଶିକ୍ଷକ ଶ୍ୟାମଘନ ଦାସ ଧନ୍ୟବାଦ ଦେଇଥିଲେ।




ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା, ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

## ବେଆଇନ ଇଟାଭାଟିକୁ ଲଗାମ ନାହିଁ

**ବଢୁଛି ପ୍ରଦୂଷଣ, ନିଷ୍କ୍ରିୟ ପ୍ରଦୂଷଣ ବିଭାଗ**



ବେଆଇନ ଭାବେ ହୋଇଥିବା ଇଟାଭାଟି।

କୋରେଇ,୮।୨(ଡି.ଏନ.ଏ.) ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ କୋରେଇ ଅଞ୍ଚଳରେ ଗଢ଼ିଉଠିଥିବା ବେଆଇନ ଇଟାଭାଟିଗୁଡ଼ିକ ଉପରେ ପ୍ରଶାସନର ଲଗାମ ନାହିଁ। କୋରେଇ ବ୍ଲକର ମୂଳାପାଳ, ପଥରପଦା, ବନ୍ଧାଳ, ରଣପୁର, ମକୁନ୍ଦପୁର ଆଦି ପଞ୍ଚାୟତରେ ଚିମିନି ଇଟାଭାଟି ଥିବା ସହିତ ଅନେକ ଗ୍ରାମ ତଥା ରାସ୍ତା କଡ଼ରେ ଫ୍ଲାଏ ଆସ ଇଟା ଭାଟି ରହିଛି। ଏଥିରୁ ନିର୍ଗତ ଧୂଆଁ ଓ ଧୂଳି ଦ୍ୱାରା ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡୁଛି। ଏଥିରୁ ଅଧିକାଂଶ ଇଟାଭାଟି ସରକାରୀ, ଅନାବାଦୀ, ଗୋଚର ଓ ସର୍ବସାଧାରଣ ଜମିରେ ହୋଇଥିବାର ଅଭିଯୋଗ ହେଉଛି। ଇଟା ନିର୍ମାଣ ପାଇଁ ମାଟି ଓ ବାଲି ବୈତରଣୀ ନଦୀ ପଠାରୁ ସଂଗ୍ରହ କରାଯାଉଛି। ଫଳରେ ନଦୀ ପଠାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହାଦ୍ୱାରା ନଦୀ କୂଳବର୍ତ୍ତୀ ଗାଁଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ଚିମିନି ଭାଟିରେ ଇଟା ପୋଡ଼ିବାକୁ କାଠ ବ୍ୟବହାର ହେଉଥିବାରୁ ଜଙ୍ଗଲ କ୍ଷୟ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଉତ୍ତପ୍ତ ପରିବେଶ ସୃଷ୍ଟି ହେଉଛି। ମୃତ୍ତିକା କ୍ଷୟ ଓ ପ୍ରଦୂଷଣକୁ ରୋକିବା ପାଇଁ ରାଜ୍ୟ ସରକାର ମାଟି ତିଆରି ଇଟା ନିର୍ମାଣରେ ରୋକ ଲଗାଇଛନ୍ତି । ଏଠାରେ ନିୟମ ଉଲଂଘନ କରାଯାଇ ମୂଳାପାଳ ପଞ୍ଚାୟତଠାରୁ ରଣପୁର ପଞ୍ଚାୟତ ପର୍ଯ୍ୟନ୍ତ ବୈତରଣୀ ନଦୀର ପାର୍ଶ୍ୱ ୨୦ କିମିରୁ ଊର୍ଦ୍ଧ୍ୱ ନଦୀବନ୍ଧ ରାସ୍ତାର ଉଭୟ କଡ଼ରେ ଅନେକ ବେଆଇନ ଇଟାଭାଟି ଗଢ଼ି ଉଠିଛି। ରାଜ୍ୟକୁ ପ୍ରଦୂଷଣମୁକ୍ତ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କାମ କରୁଛି। ହେଲେ ଏହି ଇଟାଭାଟି ମାଲିକଙ୍କ ପାଇଁ ପ୍ରଦୂଷଣ ବିଭାଗ ଆଖି ବୁଜିଦେଇଛି। ବ୍ୟାସନଗର ତହସିଲ ଓ କଳିଙ୍ଗନଗର ପ୍ରଦୂଷଣ ବିଭାଗର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କୁ ମାସିକ ହାତଗୁଞ୍ଜା ଦେଇ ବ୍ୟବସାୟୀମାନେ ନିଜ କାମ ଆରାମରେ ଚଳାଇଛନ୍ତି। ତହସିଲ ପ୍ରଶାସନ ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ। ଅଭିଯୋଗ ହେଲେ କାଁ ଭାଁ ଚଢ଼ାଉ କରାଯାଇ କିଛି ଜରିମାନା ଆଦାୟ କରାଯାଉଛି। ଏନେଇ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ। ତେବେ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ଇଟା ଭାଟି ପାଇଁ କୌଣସି ଅନୁମତି ଦିଆଯାଇ ନ ଥିବା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଆବାସ ଯୋଜନାକୁ ନେଇ ସରପଞ୍ଚଙ୍କ ଖବରଦାତା ସମ୍ମିଳନୀ

ତିର୍ତ୍ତୋଲ, ୮।୨ (ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନକୁ ନେଇ ସାରା ରାଜ୍ୟରେ ଝଡ଼ ସୃଷ୍ଟି ହୋଇଥିବା ବେଳେ ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତରେ ନିଆରା ଅଭିଯୋଗ ହୋଇଛି। ସରପଞ୍ଚ ଆବାସ ଯୋଜନା ପାଇଁ ଅର୍ଥ ଦାବି କରୁଥିବା ପରି ସଙ୍ଗୀନ ଅଭିଯୋଗକୁ ନେଇ ପଞ୍ଚାୟତରେ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯାହାର ପ୍ରତିବାଦରେ ସରପଞ୍ଚ, ନିର୍ବାଚିତ ୱାର୍ଡ ମେମ୍ବର ଓ ସାଧାରଣ ଲୋକ ବୁଧବାର ଖବରଦାତା ସମ୍ମିଳନୀ କରି ନିଜର ଆଭିମୁଖ୍ୟ ଉପସ୍ଥାପନ କରିଛନ୍ତି। ପଞ୍ଚାୟତର ସରପଞ୍ଚ ଉମେଶ ଚନ୍ଦ୍ର ବେହେରା, ନିର୍ବାଚିତ ୱାର୍ଡ ସଭ୍ୟାସଭ୍ୟ ଓ ସାଧାରଣ ଲୋକଙ୍କ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ କୋଲର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନ ନେଇ ଉଠିଥିବା ଅପପ୍ରଚାର ଲାଗି ପଞ୍ଚାୟତ ବଦନାମ ହେଉଥିବାରୁ ମିଥ୍ୟା ପ୍ରଚାର ଲାଗି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନର ଆଶ୍ରୟ ନିଆଯିବ ବୋଲି ସୂଚନା ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଚୟନ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏଥିରେ ସରପଞ୍ଚ କିମ୍ବା ଅନ୍ୟ କୌଣସି ଜନପ୍ରତିନିଧିଙ୍କ ହସ୍ତକ୍ଷେପ ନ ଥିବା ବେଳେ ପଞ୍ଚାୟତର କେତେଜଣ ଅଯୋଗ୍ୟ ହୀତାଧିକାରୀ ସରପଞ୍ଚ ତାଙ୍କୁ ଆବାସ ଯୋଜନାରେ ଟଙ୍କା ଲାଞ୍ଚ ମାଗୁଥିବା ସାମାଜିକ ଗଣମାଧମରେ ଭାଇରାଲ କରିଥିଲେ। ଏହି ଘଟଣାକୁ ନେଇ ପଞ୍ଚାୟତରେ ତୀବ୍ର ପ୍ରତିବାଦ ପ୍ରକାଶ ପାଇଥିଲା। ସମ୍ମିଳନୀରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ଓ ଅନ୍ୟମାନଙ୍କ ପକ୍ଷରୁ ଆବାସ ଯୋଜନା ଚୟନ ନେଇ ମିଥ୍ୟା ଅପପ୍ରଚାର ରାଜନୈତିକ ଓ ଉଦ୍ଦେଶ୍ୟମୂଳକ ବୋଲି ସେମାନେ କହିଥିଲେ। ଯେଉଁ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେମାନେ ହିଁ ମିଥ୍ୟା ଅଭିଯୋଗ କରିଛନ୍ତି। ସେମାନଙ୍କ ପରିବାରରେ ଏକାଧିକ ୪ ଚକିଆ ଗାଡି, ବାଇକ୍ ଓ କୋଠାଘର ଥାଇ ଆବାସ ଯୋଜନାରେ ଅଯୋଗ୍ୟ ହେବା ପରେ ସେମାନେ ଏଭଳି ଅଭିଯୋଗ କରିଛନ୍ତି। ମିଥ୍ୟା ଅପପ୍ରଚାର ବିରୋଧରେ କୋର୍ଟର ଆଶ୍ରୟ ନିଆଯାଇଥିବା ଉପସ୍ଥିତ ଜନ ପ୍ରତିନିଧିମାନେ ସୂଚନା ଦେଇଛନ୍ତି।

### ରାମଚଣ୍ଡୀ ମଠରେ ସବୁଜିମା ମନ୍ଦିର ଶୁଭାରମ୍ଭ

ପାରାଦୀପ,୮।୨(ସ୍ୱ.ପ୍ର.)

ସ୍ଥାନୀୟ ବିଜୟଚନ୍ଦ୍ରପୁରଠାରେ ଥିବା ରାମଚଣ୍ଡୀ ମଠରେ ସବୁଜିମା ମନ୍ଦିର କାମ ଆରମ୍ଭ ହୋଇଛି। ଦେବୋତ୍ତର ଅଧୀନରେ ଥିବା ଏହି ମଠର ଚତୁଃପାର୍ଶ୍ୱରେ ଏବେଠାରୁ ବିଭିନ୍ନ ଔଷଧୀୟ ଚାରା ଲଗାଯାଉଛି। ମଠାଧୀଶ ବାବାଜୀ ଦାସରଥି ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଅଭିଯାନରେ ସ୍ଥାନୀୟ ବାସିନ୍ଦା ସୁଶାନ୍ତ ସାମଲ, ପ୍ରଭାତ ସାମନ୍ତରାୟ, ଧର୍ମରକ୍ଷା ସେନାର ପ୍ରମୁଖ ଉମେଶ ଦାସ, ଯୋଗଗୁରୁ ତାପସ ପତି ପ୍ରମୁଖ ସାମିଲ ହୋଇଛନ୍ତି। ଆସନ୍ତା ଶିବରାତ୍ରି ଅବସରରେ ରାମେଶ୍ୱର ମହାଦେବ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମନ୍ଦିର ସହ ପ୍ରକୃତିର ସୁରକ୍ଷା ପାଇଁ ଚାରା ରୋପଣ, ନିଶାମୁକ୍ତ ସଚେତନତା ଅଭିଯାନ, ସାମାଜିକ ସେବା କରାଯିବ ବୋଲି ମଠାଧୀଶ ଦାସ କହିଛନ୍ତି।



ପାରାଦୀପ ବିଜୟଚନ୍ଦ୍ରପୁର ରାମଚଣ୍ଡୀ ମଠ ପରିସରରେ ଚାରା ରୋପଣ କରାଯାଉଛି।

# ମେରାଇନ୍ ରାସ୍ତାକୁ ବିପଦ

ପାରାଦୀପ,୮।୨(ସ୍ୱ.ପ୍ର.)

ପାରାଦୀପର ଷଣ୍ଢକୁଦ ସୀମାଠାରୁ ତୈଳ ବିଶୋଧନାଗାର ସାଉଥଗେଟ୍ ପର୍ଯ୍ୟନ୍ତ ସମୁଦ୍ର କୂଳରେ ଏବେ ଅବାଧରେ ବାଲି ଓ ମାଟି ଖୋଳା ଯାଉଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା କେତେକ ଜାଗାରେ ସମୁଦ୍ର ଢେଉ ମେରାଇନ୍ ରାସ୍ତା ପାଖରେ ପହଞ୍ଚି ଗଲାଣି। ଏହାକୁ ପାରାଦୀପ ଓ ଡ଼ିଙ୍କିଆ ଅଞ୍ଚଳର କେତେଜଣ ବ୍ୟବସାୟୀ ଲଗାତାର ଭାବେ ଖନନ କରି ନିକଟସ୍ଥ ଏକ କମ୍ପାନୀ ପରିସରରେ ଭରଣା କରୁଛନ୍ତି। ଯାହାକୁ ସ୍ଥାନୀୟ ପ୍ରଶାସନ ନ ଦେଖିଲା ପରି ରହୁଥିବା ଅଭିଯୋଗ ହେଉଛି। ଏମିତି ବାଲି ମାଟି ଖନନ ହେବା ଦ୍ୱାରା ସେଠାରେ ପୋଖରୀ ସଦୃଶ୍ୟ ହୋଇଗଲାଣି। ସମୁଦ୍ର ଢେଉ ମେରାଇନ୍ ରାସ୍ତା ପାଖରେ ପହଞ୍ଚି ଗଲାଣି। ଫଳରେ ଏହା ପୁରୀର କୋଣାର୍କ ମେରାଇନ ରାସ୍ତା ସମୁଦ୍ର ଗର୍ଭକୁ ଚାଲିଯିବା ଭଳି ସମସ୍ୟା ଉପୁଜିବାକୁ ଯାଉଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ଏକ କମ୍ପାନୀର ୨୩୪ ଏକର ଖାଲକୁ ଭରଣା କରିବାକୁ ସମୁଦ୍ରରେ ଡ୍ରେଜିଂ କରି ବାଲି ଉଠାଇବାକୁ ସରକାରୀ ଭାବେ ସ୍ୱୀକୃତି ମିଳିଛି। କିନ୍ତୁ ପାରାଦୀପ ପାଖ ସମୁଦ୍ର ଗଭୀର ସହ ଅତ୍ୟଧିକ କରେଣ୍ଟ ରହୁଥିବାରୁ ଡ୍ରେଜିଂ କାମ ସହଜ ହେଉନାହିଁ। ଯାହାଦ୍ୱାରା କମ୍ପାନୀ ବାହାରୁ ବାଲି ମାଟି ଆଣିବା ପାଇଁ କେତେଜଣ ଠିକାଦାରଙ୍କ ଜରିଆରେ କାମ କରୁଛନ୍ତି। ଠିକାଦାରମାନେ ଦୂରରୁ ବାଲି ଆଣି ପକାଇବା ପାଇଁ ଅର୍ଥ ପାଉଛନ୍ତି। କିନ୍ତୁ ସେମାନେ କେତେଜଣ ସ୍ଥାନୀୟ ମୁଷ୍ଟିମେୟ ଲୋକଙ୍କ ଜରିଆରେ ତ୍ରିଲୋଚନପୁରଠାରୁ ଷଣ୍ଢକୁଦ ପର୍ଯ୍ୟନ୍ତ ସମୁଦ୍ର କୂଳରୁ ବାଲି ଆଣି କମ୍ପାନୀ ପରିସରରେ ପକାଉଛନ୍ତି। ଏଥିପାଇଁ ଗୋଟିଏ ଗାଡି ଟ୍ରିପ ପିଛା ୩ରୁ ୪ ହଜାର ଟଙ୍କା ଫାଇଦା ପାଉଛନ୍ତି ବୋଲି ଜଣେ ବାଲି ବେପାରୀ କୃଷ୍ଣ ମଣ୍ଡଳ ସ୍ୱୀକାର କରିଥିଲେ। ସୂଚନାଯୋଗ୍ୟ, ଏହି ଅଞ୍ଚଳ ପାରାଦୀପର ବୋଲି କୁହାଯାଉଛି। ବାସ୍ତବରେ ଏହା ଏରସମା ତହସିଲ ଅଧୀନରେ ରହିଛି। ଉକ୍ତ ଅଞ୍ଚଳର ଅର୍ଦ୍ଧେକ ସୀମା ଅଭୟଚାନ୍ଦପୁର ଥାନାରେ ଥିବା ବେଳେ ଷଣ୍ଢକୁଦ ପାଖ ରହିଛି ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅଞ୍ଚଳରେ। ଏମିତି ସ୍ଥିତିରେ ବାଲି ଉଠାଉଥିବା ବେପାରୀମାନେ ଦୁଇ ଥାନା ପୋଲିସକୁ ହାତ କରି ଏପରି ବେପାର ଚଳାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଆଇଆଇସି ରାଜକିଶୋର ବେହେରାଙ୍କୁ ପଚାରିଲେ ଆମେ ସମୟାନୁସାରେ ଧରପଗଡ଼ କରୁଛୁ। କିନ୍ତୁ ରାତିରେ ଏପରି ହେଉଥିବାରୁ ସବୁବେଳେ ଚଢ଼ାଉ କରିବା ସମ୍ଭବ ହେଉନାହିଁ। ସେହିପରି ଜଟାଧାର ମୁହାଣ ସାମୁଦ୍ରିକ ଥାନା ଆଇଆଇସି ଦେବେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ବାଲି ମାଟି ଉଠୁଥିବା ସୀମା ଆମର ନୁହେଁ। ଷଣ୍ଢକୁଦ ପାଖରେ ଆମେ ଗାଡି ଯାଞ୍ଚ କଲେ ସେମାନେ ବାହାରୁ ଆଣୁଛନ୍ତି ବୋଲି କାଗଜ ଦେଖାଉଛନ୍ତି। ଏମିତି ସ୍ଥିତିରେ କେତେଜଣ ଲାଭଖୋର ଲୋକଙ୍କ ପାଇଁ କୁଜଙ୍ଗ ଡିଙ୍କିଆ ୪ ଦେଶର ପ୍ରାକୃତିକ ବାଲି ସୁରକ୍ଷା କବଚ ଉଜୁଡି ଯିବାକୁ ବସିଲାଣି। ବାତ୍ୟା ବେଳେ ଏହା ବିପର୍ଯ୍ୟୟ ସୃଷ୍ଟି କରିବା କଥା ଏଡାଇ ଦିଆଯାଇ ନ ପାରେ।



ସମୁଦ୍ର କୂଳରୁ ଜେସିବି ଲଗାଇ ବାଲି, ମାଟି ହାଇୱାରେ ଚାଲାଣ କରାଯାଉଛି।

**ଅବାଧରେ ବାଲିମାଟି ଖୋଳା ହେଉଛି**

## ଶାରଳା ମନ୍ଦିର ହୁଣ୍ଡିରୁ ୧୮ ଲକ୍ଷ ଟଙ୍କା ବାହାରିଲା

■ ୬ ମାସ ତଳେ ହୁଣ୍ଡି ଖୋଲିଥିଲା

ଜଗତ୍‌ସିଂହପୁର ଅଫିସ, ୮।୨

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଶାରଳା। ମା'ଙ୍କ ପୀଠକୁ ଜିଲା ତଥା ବାହାରୁ ପ୍ରତ୍ୟେହ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ମନ୍ଦିରର ମୁଖ୍ୟ ଆୟ ଭୋଗ ଓ ଦୀପ ଦୋକାନ ନିଲାମଧାରୀଙ୍କଠାରୁ ଆଦାୟ ହୋଇଥାଏ। ଏହାବାଦ୍ ଯେଉଁମାନେ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି ସେମାନଙ୍କ ମଧ୍ୟରୁ ଅନେକ ଏହି ପରିସର ଥିବା ହୁଣ୍ଡିରେ ଦାନ କରିଥାନ୍ତି। ୬ ମାସ ପରେ ମଙ୍ଗଳବାର ମନ୍ଦିର ପରିସର ହୁଣ୍ଡିଗୁଡିକୁ ଖୋଲା ଯାଇଥିଲା। ପ୍ରଥମ ଦିନ ୩ଟି ଖୋଲାଯାଇ ସେଥିରୁ ୧୨,୬୪,୨୪୫ ଟଙ୍କା ଓ ବୁଧବାର ଅବଶିଷ୍ଟ ୩ଟିରୁ ୫,୪୩,୭୩୦ ଟଙ୍କା ଏପରି ମୋଟ ୧୮,୦୭,୯୭୫ ଟଙ୍କା ସଂଗ୍ରହ କରାଯାଇଛି। ଏହାବାଦ୍ ସୁନା ଓ ରୁପା ଆଦି ଅଳଙ୍କାର ବାବଦ ୩୦,୪୮୦ ଟଙ୍କା ମୂଲ୍ୟାଙ୍କନ କରାଯାଇଛି। ଏପରି ମୋଟ ୧୮,୩୮,୪୫୫ ଟଙ୍କା ସଂଗ୍ରହ କରାଯାଇଥିବା ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଜା ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ଜିଲା ପ୍ରଶାସନର ଅନୁମତି ପ୍ରକାରେ ଗତ ୭ରୁ ୧୦ ତାରିଖ ମଧ୍ୟରେ ହୁଣ୍ଡି ଖୋଲାଯିବା ନିଷ୍ପତ୍ତି ହୋଇଥିଲା। ଏହି ଅନୁଯାୟୀ ହୁଣ୍ଡି ଖୋଲାଯାଇଥିଲା। ଟଙ୍କା ଗଣତିଠାରୁ ତଦାରଖ ପର୍ଯ୍ୟନ୍ତ ପାଖାପାଖି ୨୦ ଜଣ କର୍ମଚାରୀ ଓ ପଣ୍ଡା ସେବାୟତ ନିୟୋଜିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜିଲାପାଳଙ୍କ କାର୍ଯ୍ୟାଳୟର ୫ ଜଣ କର୍ମଚାରୀ, ତିର୍ତ୍ତୋଲ ତହସିଲର ୪, ପୋଲିସ ୪, ମନ୍ଦିର କର୍ମଚାରୀ ଓ ପଣ୍ଡା ସେବାୟତ ସାମିଲ ହୋଇଥିଲେ। ତିର୍ତ୍ତୋଲ ତହସିଲଦାର, ପ୍ରତ୍ନତତ୍ତ୍ୱ ବିଭାଗର ଇନ୍ସପେକ୍ଟର ପ୍ରଦୀପ୍ତ କୁମାର ସାହୁ ଓ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପରିଜା ପ୍ରମୁଖ ତଦାରଖ କରିଥିଲେ। ସୂଚନାଯୋଗ୍ୟ, ୨୦୨୦ ଓ ୨୦୨୧ ମସିହାରେ କରୋନା ମହାମାରୀ ଯୋଗୁ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ଆଗମନ ଉପରେ କଟକଣା ଲାଗିଥିଲା। ଯାହାଦ୍ୱାରା ମନ୍ଦିରର ଆୟ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ପରିସ୍ଥିତିରେ ସୁଧାର ଆସିବାରୁ ଏବେ ଶ୍ରଦ୍ଧାଳୁଙ୍କ ଆଗମନ ବଢିଛି।

## ମନକୁ ପ୍ରଫୁଲ୍ଲ ରଖେ କ୍ରୀଡ଼ା




ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଶାରଳା ଉଚ୍ଚ ବିଦ୍ୟାପୀଠରେ ବାର୍ଷିକ କ୍ରୀଡା ଉତ୍ସବ**

ଏରସମା, ୮।୨(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ନୂଆଡିହି ପଞ୍ଚାୟତସ୍ଥିତ ଧୂଆଁସାହି ଗାଁର ଶାରଳା ଉଚ୍ଚ ବିଦ୍ୟାପୀଠ ପକ୍ଷରୁ ସୋମବାର ରାଧାଶ୍ୟାମ ପରିଜାଙ୍କ ସହାୟତାରେ ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଶେଷ ହୋଇଛି। ଏଥିରେ ୬ଷ୍ଠ ଶ୍ରେଣୀଠାରୁ ଦଶମ ଶ୍ରେଣୀର ୨୮୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଅଖା ଦୌଡ, ଗଣିତ ଦୌଡ, ଜିଲାପି ଡିଆଁ ପ୍ରଭୃତି ବିଭାଗରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହାକୁ ଖେଳ ଶିକ୍ଷକ ପ୍ରଦୀପ୍ତ କୁମାର ନାୟକ, ଅଜୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ। ଏଥିରେ ଦଶମ ଶ୍ରେଣୀର ଛାତ୍ର ରାହୁଲ ସ୍ୱାଇଁ ଓ ଅଲିଭା ମହାନ୍ତି ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଅମ୍ବୁଜ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପୀତବାସ ଗଛାୟତ ଯୋଗଦେଇ ବିଦ୍ୟା ଶିକ୍ଷା ସହିତ କ୍ରୀଡାରେ ମନୋନିବେଶ କଲେ ଛାତ୍ରୀଛାତ୍ରଙ୍କ ମନ ପ୍ରଫୁଲ୍ଲ ରଖେ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବିଜେଡି ରାଜ୍ୟ ସାଧରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ସମ୍ମାନୀୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ ସେନାପତି, ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ଆଇଆଇସି ନିରଞ୍ଜନ ଦାସ, ନୂଆଡିହି ସରପଞ୍ଚ ବ୍ରଜ କିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ। ଏଥିରେ ପ୍ରଦୀପ୍ତ କିଶୋର ସ୍ୱାଇଁ ବାର୍ଷିକ ବିବରଣୀ ପାଠ, ଶୋବନୀ ସ୍ୱାଇଁ ଅତିଥି ପରିଚୟ, ମୁରଲୀଧର ସୂତାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ 'ଏ' ୱାନ ହୋଇଥିବା କୃତୀ ଛାତ୍ର ଦୀପ୍ତେଶ ଖଣ୍ଡୁଆଳ, ରତୁପର୍ଣ୍ଣା ସାମନ୍ତରାୟ, ହୃଷୀକେଶ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ପ୍ରଭାତ କୁମାର ବାରିକ, ବାବାଜୀ ବିଶ୍ୱାଳ, ନିରଞ୍ଜନ ମଲ୍ଲିକ, ପ୍ରତାପ ସ୍ୱାଇଁ, ନିମାଇଁ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଚାକିରି ନାଁରେ ଠକେଇ ଅଭିଯୁକ୍ତ ସଞ୍ଜୀବ ଗିରଫ

**ବୋଲେରୋ ଗାଡି, ୧୮ଟି ସେଭିଂ, ୮ଟି ଫିକ୍ସ ଡିପୋଜିଟ ବ୍ୟାଙ୍କ ଆକାଉଣ୍ଟ କାଗଜ ପତ୍ର ଜବତ**

ବାଲିକୁଦା,୮।୨(ସ୍ୱ.ପ୍ର.)

ଚାକିରି କରାଇ ଦେବାକୁ କହି ଓଡ଼ିଶାର ବିଭିନ୍ନ ଜିଲାରୁ ବେକାରୀ ଯୁବକମାନଙ୍କଠାରୁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା କେନ୍ଦ୍ରାପଡ଼ା ଜିଲା ଆଳି ଥାନା ପାଳିମୀ ଗାଁର ସଞ୍ଜୀବ କୁମାର ସାମଲଙ୍କୁ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବାଲିକୁଦା ଥାନା ଖାନବାଡି ଗାଁର ଶୁଭ ସେଠୀ ଝାରସୁଗୁଡ଼ାରେ ଥିବା ବେଳେ ସଞ୍ଜୀବଙ୍କ ସହ ଦେଖା ହୋଇଥିଲା। ସଞ୍ଜୀବ ନିଜେ ହାଇକୋର୍ଟର ଜଣେ ବଡ଼ କର୍ମଚାରୀ ପରିଚୟ ଦେଇ ଶୁଭଙ୍କୁ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯେହେତୁ ଶୁଭଙ୍କ ଘର ଜଗତ୍‌ସିଂହପୁର ତାଙ୍କ ନିଜ ଜିଲ୍ଲା କୋର୍ଟରେ ଚାକିରି ଦେବାକୁ କହିଥିଲେ। ଏଥିପାଇଁ ୪.୫ ଲକ୍ଷ ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି କହିଥିଲେ। ଚାକିରି ଲୋଭରେ ଶୁଭ ସଞ୍ଜୀବଙ୍କ ୨୦୨୧ ମସିହାରେ ୩ ଦଫାରେ ସମସ୍ତ ଟଙ୍କା ଦେଇଥିଲେ। କିନ୍ତୁ ୨୦୨୧ରୁ ୨୩ ମସିହା ଭିତରେ ଚାକିରି ତ ଦୂରର କଥା ଟଙ୍କା ନେଲା ପରେ ସେ ଧର ଛୁଆଁ ଦେଇ ନ ଥିଲେ। ଶୁଭ ଟଙ୍କା ମାଗିବାରୁ ବରଂ କି ଟଙ୍କା କହି ହତ୍ୟାର ଧମକ ଦେଇଥିଲେ। ଏ ନେଇ ଶୁଭ ସୋମବାର ବାଲିକୁଦା ଥାନାରେ ଏତଲା କରିବା ପରେ ପୋଲିସ ନଂ. ୫୪/୨୩ରେ ମାମଲା ରୁଜୁ କରିଛି। ଆଇଆଇସି ସଲିଳ ପ୍ରଧାନ ନିଜେ ଘଟଣାର ତଦନ୍ତ ଭାର ନେଇଛନ୍ତି। ମଙ୍ଗଳବାର ରାତିରେ ଭୁବନେଶ୍ୱର ଭରତପୁର ଅଞ୍ଚଳରୁ ଅଭିଯୁକ୍ତ ସଞ୍ଜୀବଙ୍କୁ ଗିରଫ କରିଥିଲେ। ଗିରଫ ପରେ ଜଣାପଡିଲା ଯେ, ସଞ୍ଜିବ କେବଳ ଶୁଭଙ୍କଠାରୁ ଠକେଇ କରିନାହାନ୍ତି। ସେ ଓଡ଼ିଶାର ବିଭିନ୍ନ ଜିଲାର ଯୁବକମାନଙ୍କଠାରୁ ଏଭଳି ଠକେଇ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ହେବ। ଗିରଫ ସମୟରେ ତାଙ୍କର ୫ଟି ଗାଡି ଥିବା ଜଣାପଡିଥିଲା। ସେଥିମଧ୍ୟରୁ ୨ଟି ଝାରସୁଗୁଡ଼ା ବ୍ୟାଙ୍କରେ ଇନଷ୍ଟାଲମେଣ୍ଟ ଡିଫଲ୍ଟର ଯୋଗୁ ବ୍ୟାଙ୍କ ଟାଣି ନେଇଛି। ଗୋଟିଏ ବୋଲେରୋକୁ ପୋଲିସ ଜବତ କରି ଆଣିଛି। ଏଥିସହ ତା'ର ୧୮ଟି ସେଭିଂ ଓ ୮ଟି ଫିକ୍ସ ଡିପୋଜିଟ ଆକାଉଣ୍ଟର କାଗଜ ପତ୍ର ପୋଲିସ ଜବତ କରି ଆଣି ତଦନ୍ତ କରୁଛି। ଅଧିକ ତଦନ୍ତ ପାଇଁ ତାଙ୍କୁ ପୋଲିସ କୋର୍ଟରୁ ରିମାଣ୍ଡରରେ ଆଣିବ ବୋଲି ଆଇଆଇସି ପ୍ରଧାନ ପ୍ରକାଶ କରିଛନ୍ତି।



ଗିରଫ ସଞ୍ଜୀବ କୁମାର ସାମଲ।

### ସାରଳା ମହାବିଦ୍ୟାଳୟ ରାହାମାର ଗଭର୍ନିଂ ବଡି ଅନୁମୋଦିତ

ରାହାମା,୮।୨(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ସାରଳା ମହାବିଦ୍ୟାଳୟ ରାହାମାର ଗଭର୍ନିଂ ବଡ଼ିକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱର ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦନ ଲାଭ କରିଛି। ଏହି ଗଭର୍ଣ୍ଣିଂ ୧୧ ଜଣ ସଦସ୍ୟଙ୍କୁ ନେଇ ଗଠନ କରାଯାଇଛି। ସଭାପତି ଭାବେ ବିଶ୍ୱେଶ୍ୱର ନନ୍ଦ, ସମ୍ପାଦକ ଭାବେ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ, ସଭ୍ୟା ଭାବେ ଶିକ୍ଷୟିତ୍ରୀଙ୍କ ପ୍ରତିନିଧି ଭାବେ ରିତାରାଣୀ ଦାସ, ଶିକ୍ଷକଙ୍କ ପ୍ରତିନିଧି ଭାବେ ସୁବାସ ଚନ୍ଦ୍ର ନାୟକ, ଅନୁସୂଚିତ ଜାତି ସଭ୍ୟ ସାମଜିକ କର୍ମୀ ଡ. ସୁନାକର ବେହେରା, ସଂଖ୍ୟାଲଘୁ ସମ୍ପ୍ରଦାୟ ସଭ୍ୟ ଅବଦୁଲ ଆୟସ, ଅଣ ଶିକ୍ଷକ କର୍ମଚାରୀ ସଭ୍ୟ ମୋହନ ଚନ୍ଦ୍ର ଦାସ, ଧୀରେନ୍ଦ୍ର ନାଥ ଦାସ, ସଭ୍ୟା ସ୍ମିତାରାଣୀ ପରିଜା, ସୁଜାତା ଚୌଧୁରୀ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖଙ୍କୁ ସ୍ଥାନ ମିଳିଛି।

### ଭଗବତୀଙ୍କ ପୀଠରେ ୩୭ ବୋଦାଙ୍କୁ ବଳି

ଜଳେଶ୍ୱର, ୮।୨(ଡି.ଏନ.ଏ.) : ପ୍ରତିବର୍ଷ ପରି ଜଳେଶ୍ୱର ବ୍ଲକର ନଛିମପୁର ପଞ୍ଚାୟତ ଅଧୀନ ଆମ୍ବଳିଅଠା ଗାଁରେ ମା' ଭଗବତୀଙ୍କ ପୀଠରେ ବାର୍ଷିକ ପୂଜୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ସନ୍ଧ୍ୟାରେ ଗ୍ରାମ ଚଣ୍ଡୀଦେବୀଙ୍କ ନିକଟରେ ଖଇଭୋଗ ଅର୍ପଣ କରିଥିବା ବେଳେ ମଧ୍ୟରାତ୍ରିରେ ୩୭ଟି ବୋଦାକୁ ମା' ଭଗବତୀଙ୍କ ସମ୍ମୁଖରେ ବଳି ଦିଆଯାଇଛି।

## ଲେୟର କୁକୁଡ଼ା ପାଳନ ତାଲିମ ଶିବିର

ରଘୁନାଥପୁର, ୮।୨(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ଶାଳିଜଙ୍ଗାସ୍ଥିତ ନବଜ୍ୟୋତି କ୍ଲବରେ ଜିଲା ପ୍ରାଣୀ ସମ୍ପଦ ବିକାଶ ଆନୁକୂଲ୍ୟ ତଥା ବ୍ଲକ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଅନୁଷ୍ଠିତ ୩ ଦିନ ବ୍ୟାପୀ ଲେୟର କୁକୁଡ଼ା ପାଳନ ଦକ୍ଷତା ବୃଦ୍ଧି ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହିଳା ଚାଷୀଙ୍କୁ କୁକୁଡା ପାଳନ ଉପରେ ତାଲିମ ଦିଆଯାଇଥିଲା। ଏହାଦ୍ୱାରା ସେମାନେ କିଭଳି ଲାଭବାନ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ ସେ ସମ୍ପର୍କରେ ବିଡିଓ ଚିନ୍ମୟ କୁମାର ସାହୁ ଆଲୋଚନା କରିଥିଲେ। ଅଧିକ ଜ୍ଞାନ ଆହରଣ ପାଇଁ ତାଲିମ ନେଉଥିବା ୨୦ ମହିଳାଙ୍କୁ ଜଗତ୍‌ସିଂହପୁର ମହିରାସ୍ଥିତ ସୁବାସ ଚନ୍ଦ୍ର ନାୟକଙ୍କ ୨ ହଜାର ବିଶିଷ୍ଟ କୁକୁଡ଼ା ଫାର୍ମକୁ ପରିଦର୍ଶନରେ ନିଆଯାଇଥିଲା। ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ଲୋପାମୁଦ୍ରା ମଲ୍ଲିକ ଓ ଡା ଇପସିତା ନନ୍ଦ ଫାର୍ମ ସ୍ଥଳରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ କର୍ମଚାରୀ ଦେଶପ୍ରିୟ ମହାନ୍ତି, ସୌମ୍ୟରଞ୍ଜନ ସୁନ୍ଦରରାୟ ଓ ଏଲଆଇ ମନୋରଞ୍ଜନ ବେହେରା ସହଯୋଗ କରିଥିଲେ।

## ମା' ବନ୍ଦରେଇ କ୍ରିକେଟ କ୍ଲବ ଚାମ୍ପିୟନ

**ବଘେଇପୁର କ୍ରିକେଟ୍ ଲିଗ**

ବାଲିକୁଦା,୮।୨(ସ୍ୱ.ପ୍ର.)

ୟୁଥ ଆଣ୍ଡ ସ୍ପୋର୍ଟ ଆସୋସିଏଶନ ବଘେଇପୁର ଆନୁକୂଲ୍ୟରେ ନେହେରୁ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ୨୭ତମ ବାର୍ଷିକ କ୍ରିକେଟ୍ ଲିଗ ଫାଇନାଲ ଖେଳ ହୋଇଯାଇଛି। ଅନୁଷ୍ଠିତ ମ୍ୟାଚରେ ଲୋଟସ୍ କ୍ଲବ ଓଳାଂଶର ଅଧିନାୟକ ବିଭୁତି ନାୟକ ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରୀତ ୨୦ ଓଭର ପୂର୍ବରୁ ୧୯ .୨ ଓଭରରେ ତାର ସମସ୍ତ ଉଇକେଟ ହରାଇ ୧୪୭ ରନ ସ୍କୋର କରିଥିଲା। ଜବାବରେ ମା' ବନ୍ଦରେଇ କ୍ରିକେଟ କ୍ଲବ ବନ୍ଦର ୧୩.୩ ଓଭରରେ ମାତ୍ର ୪୩ ରନ୍ କରି ତାର ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଲୋଟସ କ୍ଲବର ଅବିନାଶ ସାହୁ ସର୍ବାଧିକ ୩ଟି ଉଇକେଟ ଅକ୍ତିୟାର କରିଥିଲେ। ଲୋଟସ କ୍ଲବ ଓଳାଂଶର ରଞ୍ଜନ ଦାସ ୨୨ ବଲରେ ୪୯ ରନ କରି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ସେହିପରି ସମସ୍ତ ଖେଳରେ ୯ ଉଇକେଟ ଓ ୩୦ରନ୍ ସ୍କୋର କରିଥିବା ବନ୍ଦରେଇ ଟିମ୍ ଆଶ୍ରୀର୍ବାଦ ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପାୟାର ଦାୟିତ୍ୱ ହାପିନା ଜେନା, ତୋଫାନ ଗାଇଆ ନିର୍ବାହ କରିଥିଲେ। ସ୍କୋରିଂରେ ଜ୍ଞାନ ରଞ୍ଜନ ଲେଙ୍କା, ବବୁଲ ଦଳାଇ, ଆଟିସେ ମହାନ୍ତି ସହଯୋଗ କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ସୁବାସ ସ୍ୱାଇଁ ଓ ଲିପୁନ ଦଳାଇ ପ୍ରଦାନ କରିଥିଲେ। ମ୍ୟାଚ ଶେଷରେ ଯୁବ ସଙ୍ଗଠକ ମୁନା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଡିଓ ଜିତେନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ କ୍ୟାସିୟର ଆଶୁତୋଷ ସ୍ୱାଇଁ, ବରମୁଣ୍ଡଳୀର ପୂର୍ବତନ ସମିତିସଭ୍ୟ ରାଜୁ ମିଶ୍ର, ମାଳ ମରିଚପୁର ଉନ୍ନୟନ ପରିଷଦ ସଭାପତି ସୁବାସ ନାୟକ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ, ରନର୍ସ ଅପ ଦଳକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। ସଭାରେ ଅତିଥି ପରିଚୟ କବି ପ୍ରଶାନ୍ତ ମହାନ୍ତି ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଇଂ. ରଞ୍ଜିତ ସ୍ୱାଇଁ ପ୍ରଦାନ କରିଥିଲେ। ଖେଳ ଆୟୋଜନ କରିବାରେ କ୍ଲବର ସଦସ୍ୟ, ସଭାପତି ବିଜୟ ଜେନା, ବିଜ୍ଞାନ ଜେନା, ପ୍ରସନ୍ନ ଜେନା, ଚନ୍ଦନ ସ୍ୱାଇଁ, ଜ୍ୟୋତିଷ ମୁଦୁଲି, ଶିବବ୍ରତ ଦଳାଇ, ମୁନୁ ଲେଙ୍କା, ଅରୁ ପରିଡା, ପିଣ୍ଟୁ ଦଳାଇ, ବାପିନା ଜେନା ପ୍ରମୁଖ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।



ଅତିଥିମାନେ ଚାମ୍ପିୟନ ମା' ବନ୍ଦରେଇ କ୍ରିକେଟ କ୍ଲବ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ରାସ୍ତା ଅବରୋଧ: ଯାତାୟାତ ଠପ୍

କୁଜଙ୍ଗ,୮।୨(ଡି.ଏନ୍.ଏ.)

କୁଜଙ୍ଗ ବଜାରର ପ୍ରମୁଖ ରାସ୍ତା ପୁରୁଣା ଥାନା ଛକରୁ ବିପିନ ଛକ ୨୦୦ ଶହ ମିଟର। ପ୍ରତ୍ୟେହ ଭିଡ଼ ରହୁଥିବାରୁ ଘଣ୍ଟା ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଉଛି। ଯାହାଦ୍ୱାରା ରୋଗୀ, ପରୀକ୍ଷାର୍ଥୀ, ବିଦ୍ୟାର୍ଥୀ ରାସ୍ତାରେ ଅଟକି ରହିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି କଟକ-ପାରାଦୀପ ରାଜ୍ୟ ରାଜପଥରୁ ବାହାରି ବିପିନ୍ ଛକ ନିକଟରେ ପୂର୍ବଦିଗ ତୈଳ ବିଶୋଧନାଗାର ପ୍ରକଳ୍ପକୁ ସଂଯୋଗ କରୁଛି। ଅନ୍ୟପକ୍ଷେ ଦକ୍ଷିଣ ଦିଗ ବାଲିତୁଠ ଓ ୫୫ ନଂ. ଜାତୀୟ ରାଜପଥ ଦେଇ ଏରସମା- ବାଲିକୁଦାକୁ ସଂଯୋଗ କରୁଛି। ପୁରୁଣା ଥାନା ଛକଠାରୁ ବିପିନ୍ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱକୁ ବ୍ୟବସାୟୀମାନେ କିଛି କିଛି ଦଖଲ କରିବା ସାଙ୍ଗକୁ ୨ ଚକିଆ ଯାନ ରଖି ରାସ୍ତା ଜାମ କରୁଛନ୍ତି। ସେହିପରି ଗୁରୁତ୍ୱପୂର୍ଣ୍ଣ କଥା ଏହି ରାସ୍ତାର ମଧ ଭାଗରେ ପାତ୍ର ଛକଠାରେ ବଜାରର ମଧ ଭାଗକୁ ବ୍ଲକ୍, ତହସିଲ, ଟ୍ରେଜେରୀ, ଥାନା, କୋର୍ଟ ଓ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ଏକ ସଂଯୋଗ ରାସ୍ତା ଅଛି। ଫଳରେ ୩ ଦିଗରୁ ଆସୁଥିବା ବିଭିନ୍ନ ଭାରି ଯାନ, ୪ ଚକିଆ, ଅଟୋ, ୨ ଚକିଆ ଆରୋହୀ, ପଥଚାରୀ ପାତ୍ର ଛକରେ ମିଳନ ହୁଏ। ସେଥିଲାଗି ପାତ୍ର ଛକରୁ ବିପିନ୍ ଛକ ୧୦୦ ମିଟର ରାସ୍ତା ଅତିକ୍ରାନ୍ତ କରିବାକୁ ପ୍ରାୟ ଏକ ଘଣ୍ଟା ଲାଗି ଯାଉଛି। ପାତ୍ର ଛକ ନିକଟରେ କବାଡ଼ିଆମାନେ ବର୍ଷ ବର୍ଷ ଧରି ପୁରୁଣା ଗାଡ଼ି ରାସ୍ତା କଡ଼ରେ ରଖୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏଥିଯୋଗୁ ପୂର୍ବରୁ ଏକାଧିକ ବାର ଆମ୍ବୁଲାନ୍ସ ଅଟକି ଥିବାର ନଜିର ଅଛି। ସେହିପରି ବୁଧବାର ପୂର୍ବାହ୍ନ ୧୦ଟାରୁ ୧୦.୪୫ ମିନିଟ୍ ପର୍ଯ୍ୟନ୍ତ ପାତ୍ର ଛକରୁ ବିପିନ୍ ଛକ ପର୍ଯ୍ୟନ୍ତ ଯାତାୟାତ ଠପ୍ ହୋଇଯାଇଥିଲା। ବିଦ୍ୟାର୍ଥୀ, ପରୀକ୍ଷାର୍ଥୀଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ଲୋକ ଅଟକି ରହିଥିଲେ। ଖବରପାଇ କୁଜଙ୍ଗ ପୋଲିସ ପହଞ୍ଚି ଭିଡ଼ ହଟେଇବାକୁ ନାକେଦମ୍ ହୋଇ ପଡିଥିଲା। ପ୍ରାୟ ଘଣ୍ଟେ ପରେ ଯାତାୟାତ ସୁଗମ ହୋଇଥିଲା। ପୂର୍ବରୁ ରାଜସ୍ୱ ବିଭାଗ ରାସ୍ତା ଅବରୋଧ ହଟେଇ ଥିଲେ ବି କିଛିଦିନ ବାଦ୍ ପୁଣି ଅବରୋଧକାରୀମାନେ ପୂର୍ବଭଳି ଅବରୋଧ କରୁଛନ୍ତି। ତେଣୁ, ତୁରନ୍ତ ରାସ୍ତା ଅବରୋଧକାରୀଙ୍କୁ ହଟାଇବାକୁ ସାମାଜିକ କର୍ମୀ ତଥା ମାନବ ଅଧିକାର ରକ୍ଷକ ସଂଘର ଜଗତ୍‌ସିଂହପୁର ଜିଲା ସଭାପତି ଗିରିଜା ପ୍ରସାଦ ମହାନ୍ତି ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି।




ପୁରୁଣା ଥାନା ଛକରୁ ବିପିନ ବିହାରୀ ଛକ ପର୍ଯ୍ୟନ୍ତ ରାସ୍ତା ଜାମ ହୋଇଛି।

## ସଂକ୍ଷେପରେ

### ଟ୍ରାକ୍ଟର ଟ୍ରଲି, ଧାନ ଅମଳ ମେଶିନ ଜଳିଗଲା

ଭଞ୍ଜନଗର,୮।୨(ଡି.ଏନ.ଏ)-ଭଞ୍ଜନଗର ତହସିଲ ମାଙ୍କଡ଼କୁମ୍ଭା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ପ୍ରକାଶ ଗଉଡଙ୍କ ଟ୍ରାକ୍ଟର ଟ୍ରଲି ଏବଂ ଧାନ ଅମଳ ମେଶିନ ଜଳିଯାଇଛି। ଏଥିସହ ପ୍ରସନ୍ନ ଗଉଡଙ୍କ ଦୁଇଟି ପାଳ ଗଦା ପୋଡ଼ିଯାଇଛି। ଖବର ପାଇ ଭଞ୍ଜନଗର ଅଗ୍ନିଶମ ଏବଂ ଜରୁରୀ କାଳୀନ ସେବା ଅଧିକାରୀ ସମୀର କୁମାର ବିଶ୍ୱାଳଙ୍କ ନେତୃତ୍ୱରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

### ଗଞ୍ଜେଇ ଚାଲାଣକାରୀ ଗିରଫ

ବାଲିଗୁଡ଼ା,୮।୨(ଡି.ଏନ.ଏ.):ଗଞ୍ଜେଇ ଚୋରା ଚାଲାଣ ପାଇଁ ସଜବାଜ ହେଉଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଘୋଡ଼ାବାଲି ଗ୍ରାମର ଦୌରଥ ବାଘ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସବ ଇନ୍ସପେକ୍ଟର ଆଶୁତୋଷ ପାଇକରାୟ ନିଜ ଟିମ ସହ ପାଟ୍ରୋଲିଂ କରୁଥିବା ସମୟରେ ଲଣ୍ଡାଗାଁ ପଞ୍ଚାୟତର ଘୋଡାବାଲି ଗାଁ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ସଜବାଜ ହେଉଥିବାବେଳେ ୬୨ କେଜି ୨୫୦ ଗ୍ରାମ ଗଞ୍ଜେଇ ସହ ଦୌରଥ ବାଘଙ୍କୁ ଧରିଥିଲା।

### ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫି ଫାଇନାଲରେ ଚେରମାରିଆ ଦଳ

ଧରାକୋଟ,୮।୨(ଡି.ଏନ୍.ଏ.)-ଧରାକୋଟ ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ପ୍ରଥମ ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫିର ପ୍ରଥମ ସେମିଫାଇନାଲ ପାଇନର କ୍ରିକେଟ କ୍ଲବ ବେଗୁନିଆ ପୋଡ଼ା ଓ ଡେଲିସିୟସ କ୍ରିକେଟ କ୍ଲବ ଚେରମାରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚେରମାରିୟା ଦଳ ବିଜୟୀ ହୋଇଥିଲେ।ମ୍ୟାନଅଫ ଦି ମ୍ୟାଚ ପୂର୍ଣ୍ଣଚନ୍ଦ୍ର ବିଷୋୟୀଙ୍କୁ ଘୋଷଣା କରାଯାଇଥିଲା। ଏମ୍ପାର ଦିଲୀପ କୁମାର ପ୍ରଧାନ, ଅଶିନୀ ବିଷୋୟୀ, ରହିଥିବା ବେଳେ ବାପୁନି ସ୍ୱାଇଁ, ଗୋପାଳ ହରି ଗୌଡ଼, ସହାୟତା ପ୍ରଦାନ କରିଥିବା ବେଳେ ପ୍ରଶାନ୍ତ କୁମାର ଡାକୁଆ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମ୍ବାଦିକ ହୃଦାନନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ନାୟକ,ଶିଶିର କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ମୁଣ୍ଡମରାଇ ଓ ଆସିକା ମଧ୍ୟରେ ହେବ।

### ୨ ଏନ୍‌ସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧନା

ହିଞ୍ଜିଳିକାଟୁ, ୮।୨(ଡି.ଏନ.ଏ.) ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ୨ ଏନ୍‌ସିସି କ୍ୟାଡେଟଙ୍କୁ କଲେଜ କର୍ତ୍ତୃପକ୍ଷ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଜାମ୍ମୁ ଓ କାଶ୍ମୀରଠାରେ ଯୱାହର ପର୍ବତାରୋହଣ ଶୀତକାଳୀନ କ୍ରୀଡା ସଂସ୍ଥା ପ୍ରକ୍ଷରୁ ୫୮ ତମ ଶୀତକାଳୀନ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ତଥା ଏନ.ସି.ସି. କ୍ୟାଡେଟ ରୋଶନ ମହାରଣା ଓ ଜଣେ ଛାତ୍ରୀ ଏନ୍‌ସିସି କ୍ୟାଡେଟ ଧରଣୀ ମୁନି କୃତିତ୍ୱର ସହ ଅଂଶଗ୍ରହଣ କରିଥିଲେ। ପ୍ରାୟ ୯ହଜାର ୮ ଶହ ଫୁଟର ଉଚ୍ଚ ଓ ମାଇନସ ୨୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ଏହି ୨ ଛାତ୍ରୀଛାତ୍ର ଦେଶର ଜାତୀୟ ପତାକା ପ୍ରଦର୍ଶନ କରିଥିଲେ। ଏହି କୃତିତ୍ୱ ପାଇଁ ମଙ୍ଗଳବାର କଲେଜ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧକ୍ଷା ଡ଼. ସ୍ୱସ୍ତିକା ପାଢ଼ୀ, ଏନ୍‌ସିସି ଅଫିସର ଅଧାପିକା ଶ୍ରଦ୍ଧାଞ୍ଜଳି ସାହୁ ଓ ବ୍ରହ୍ମପୁର (୨) ବାଟାଲିୟନ କମାଡିଙ୍ଗ ଅଫିସର ଲେଫ୍ଟନାଣ୍ଟ କର୍ଣ୍ଣଲ ୨ ଜଣଙ୍କୁ ସମ୍ମାନିତ କରିଥିଲେ।

### ବ୍ଲକସ୍ତରୀୟ ମିଶନ ଶକ୍ତି ଋଣମେଳା

ପୁରୁଷୋତ୍ତମପୁର,୮।୨(ଡି.ଏନ.ଏ.)–ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ପୁରୁଷୋତ୍ତମପୁର ତାରାତାରିଣି କଲେଜ ପଡିଆରେ ମିଶନ ଶକ୍ତି ଯୋଜନାରେ ବ୍ଲକ ସ୍ତରୀୟ ଋଣ ପ୍ରଦାନ ମେଳା ବିଡିଓ ବିଜୟ କୁମାର ବେହେରାଙ୍କ ସଂଯୋଜନାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ବ୍ଲକ ଅଧକ୍ଷା ପିଙ୍କି ବେହେରା, ଏନ୍‌ଏସି ଅଧକ୍ଷା ପ୍ରିୟଙ୍କା ଗୌଡ଼, ଜୀବନ ବନ୍ଧୁ ସଂଯୋଜକ ନିର୍ମଳ ଚନ୍ଦ୍ର ସାହୁ, ସିଡିପିଓ ସବିତା ବ୍ୟାଉପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଭଜମନ ବେହେରା, ରଞ୍ଜିତ କୁମାର ବେହେରା, ଏମ୍‌ପି ପ୍ରତିନିଧି ସୁଦର୍ଶନ ନାୟକ ଓ ମିରାବାଇ ଦୋରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଋଣ ପ୍ରଦାନର ମହତ୍ୱ ଏବଂ ମହିଳା ମାନେ କିଭଳି ସ୍ୱାଭଲମ୍ବି ହେବେ ସେଥିନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୨୦ ବ୍ୟାଙ୍କ ମାଧମରେ ୮୩୩ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୩ କୋଟି ୧୬ ଲକ୍ଷ ଋଣ ପ୍ରଦାନ କରିଥିଲେ।

# ଏବେଠୁ ସଚେତନ ହେଲେ ଆଗକୁ ଜଳାଭାବ କମିବ

ଫୁଲବାଣୀ ଅଫିସ, ୮।୨



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

କନ୍ଧମାଳ ଜିଲା କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ଯୋଗଦେଇ ଅଳ୍ପ ଜଳରେ କିପରି ଚାଷ କାର୍ଯ୍ୟ କରାଯାଇପାରିବ ଏବଂ ଲାଭ ହେବ, ତାହା ଉପରେ ଚାଷୀ ଭାଇ ଭଉଣୀମାନେ ପ୍ରଥମେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଏଥିସହ ସରକାରୀ ଅଧିକାରୀ ତଥା କର୍ମଚାରୀମାନେ ସେମାନଙ୍କୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। କନ୍ଧମାଳ ଜିଲା ନିମନ୍ତେ ନିଯୁକ୍ତ ସର୍ବୋଚ୍ଚ ଯନ୍ତ୍ରୀ ଓ ଜଳ ପ୍ରଭାରୀ ମହେନ୍ଦ୍ର କୁମାର ଭୁୟାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଯେଉଁଠି ଜଳ ସଙ୍କଟ ଦେଖାଯାଉଛି, ସେଠାରେ ଲୋକମାନେ ଜଳ ବ୍ୟବହାର ଦିଗରେ ସଚେତନ ଅଛନ୍ତି। ତେବେ ଆମେ ଯଦି ଏବେଠୁ ସେ ଦିଗରେ ସଚେତନ ହୋଇଯିବା ତେବେ ଭବିଷ୍ୟତରେ ଜଳର ଅଭାବ ଦେଖାଯିବ ନାହିଁ ବୋଲି କହିଥିଲେ।

ମୁଖ୍ୟବକ୍ତା ଭାବେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅଶୋକ ତ୍ରିପାଠୀ ଯାଗଦେଇ ଜଳର ସଂରକ୍ଷଣ, ପୁନଃ ବ୍ୟବହାର, ଫସଲ ବିବିଧିକରଣ ତଥା ଫସଲ ଘନତ୍ୱ ବୃଦ୍ଧି ସହିତ ଜଳର ସୁପରିଚାଳନା ପାଇଁ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ଜଳ ପରିଚାଳନାରେ ସମାନତା ତଥା ସମୁଚିତ ଉପାୟ ଅବଲମ୍ବନ, ପାଣି ପଞ୍ଚାୟତରେ ମହିଳାମାନଙ୍କ ଅଂଶଗ୍ରହଣ ତଥା ନେତୃତ୍ୱକୁ ଅଧିକ ଗୁରୁତ୍ୱ ପ୍ରଦାନ, ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ବିଭିନ୍ନ ଜଳ ଆବଣ୍ଟନ ଜନିତ ବିବାଦର ଆପୋଷ ସମାଧାନ ଦିଗରେ ଆଲୋଚନା କରିଥିଲେ। ସେହିପରି ଜିଲା ମୁଖ୍ୟ କୃଷି ଅଧିକାରୀ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଜିଲା ମତ୍ସ୍ୟ ଅଧିକାରୀ, ଉଠା ଜଳ ସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ, ଜଳ ସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ, ଆତ୍ମା ଉପ ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇ ପାଣି ପଞ୍ଚାୟତ ଗଠନ ଏବଂ ଏହାର ଉପକାରିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତା ଗୁଡ଼ିକର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ ସୁନିଲ କୁମାର ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ।

# ତାମ୍ପରା ହ୍ରଦର ପୁନରୁଦ୍ଧାର ହେଉ

## ଓଡ଼ିଶା ପରିବେଶ ସୋସାଇଟିର ଦାବି

ଭୁବନେଶ୍ୱର, ୮।୨ (ବ୍ୟୁରୋ)

ରାମ୍‌ସାର ସ୍ଥଳୀ ଭାବେ ମାନ୍ୟତା ହାସଲ କରିଥିବା ଆର୍ଦ୍ରଭୂମି ତାମ୍ପରା ହ୍ରଦର ପୁନରୁଦ୍ଧାର ପାଇଁ ଦାବି କରିଛି ଓଡ଼ିଶା ପରିବେଶ ସୋସାଇଟି (ଓଇଏସ୍)। ତାମ୍ପରା ହ୍ରଦ ହେଉଛି ୭୪୦ ଏକର ବିଶିଷ୍ଟ ଏକ ମଧୁରଜଳ ହ୍ରଦ, ଯାହା ଓଡ଼ିଶାର ଗଞ୍ଜାମ ଜିଲାର ଛତ୍ରପୁର ସହର ନିକଟରେ ଥିବା ଋଷିକୂଲ୍ୟା ନଦୀର ଡାହାଣ ପାର୍ଶ୍ୱରେ ଅବସ୍ଥିତ ଏବଂ ଏହା ସହିତ ସଂଯୁକ୍ତ। ପର୍ଯ୍ୟଟନ ନାମରେ ବିକାଶମୂଳକ କାର୍ଯ୍ୟକ୍ରମରେ ବେପରୁଆ ଭାବରେ ଏଠାରେ କଂକ୍ରିଟ ଭିତ୍ତିଭୂମି ଗଠନ କରାଯାଉଛି। ହ୍ରଦ ପରିସଂସ୍ଥାରେ ଅନୁପ୍ରବେଶ ଦ୍ୱାରା ରାମସାର୍ ନିୟମ ଏବଂ ଭାରତ ସରକାରଙ୍କ ଆର୍ଦ୍ରଭୂମି (ସଂରକ୍ଷଣ ଏବଂ ପରିଚାଳନା) ନିୟମ (୨୦୧୦ ଏବଂ ୨୦୧୭)ର ଉଲ୍ଲଂଘନ ଘଟୁଛି, ଯାହାକି ବାସ୍ତବିକ ମନୋରଞ୍ଜନ ପର୍ଯ୍ୟଟନ ଅଟେ। ଏକ ରାମସାର୍‌ସ୍ଥଳୀ ଭାବରେ ଏହି ହ୍ରଦର ପୁନରୁଦ୍ଧାର ଏବଂ ଏହାର ଜୈବ ବିବିଧତାର ସୁରକ୍ଷା ନିମନ୍ତେ ସମନ୍ୱିତ ପରିଚାଳନା ଯୋଜନା ମାଧ୍ୟମରେ ସମସ୍ତ ପ୍ରକାର ସଂରକ୍ଷଣ ବ୍ୟବସ୍ଥା ଗ୍ରହଣର ଆବଶ୍ୟକତା ରହିଛି। ତେଣୁ ଏହା ସମସ୍ତ ପ୍ରକାରର ଜବରଦଖଲରୁ ମୁକ୍ତହେବା ଉଚିତ ଏବଂ ଏହାର ପରିବେଶ ଉପରେ ସମସ୍ତ ପ୍ରକାରର ବାହ୍ୟ ହସ୍ତକ୍ଷେପକୁ ରୋକାଯିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଏବଂ ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ଓଡ଼ିଶା ସରକାରଙ୍କୁ ରାମସାର୍ ସମ୍ମିଳନୀର ନିର୍ଦ୍ଦେଶାବଳୀକୁ ଅବଲମ୍ବନ କରି ଉପଯୁକ୍ତ ସଂରକ୍ଷଣ ପଦକ୍ଷେପ ଗ୍ରହଣ କରିବା ପାଇଁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଅନୁରୋଧ କରିଛନ୍ତି। ଏହାଦ୍ୱାରା ତାମ୍ପରା ପରି ଅନନ୍ୟ ଆର୍ଦ୍ରଭୂମିରେ କୌଣସି ଅପ୍ରାକୃତିକ କ୍ଷୟକ୍ଷତି ବା ଅବନତି ଘଟିବ ନାହିଁ ବୋଲି ସେମାନେ ଉଲ୍ଲେଖ କରିଛନ୍ତି।

# ଇକୋ ପାର୍କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ବାଲିଗୁଡ଼ା, ୮।୨ (ଡି.ଏନ.ଏ.):



ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କନ୍ଧମାଳ ଜିଲା ବାଲିଗୁଡ଼ା ଏନଏସି ୪ନଂ ୱାର୍ଡର ଗୋଇବନ୍ଧା ଡ୍ୟାମ ନିକଟରେ ଏମ୍‌ପି ପ୍ରତିନିଧି ଟୁନା ଦାସ ଓ ବିଧାୟକ ଚକ୍ରମଣି କହଁରଙ୍କ ଦ୍ୱାରା ଇକୋ ପାର୍କ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କନ୍ଧମାଳ ଜିଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଥିବାବେଳେ ସବୁ ପର୍ଯ୍ୟଟନ ସ୍ଥଳୀର ବିକାଶ କାର୍ଯ୍ୟ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ବର୍ତ୍ତମାନ ବାଲିଗୁଡ଼ା ଏନଏସିରେ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ରାଜ୍ୟ ସରକାର ଅନୁଦାନ ଦେଇଛନ୍ତି । ଏହି ଇକୋ ପାର୍କ ନିର୍ମାଣ ହେବା ପରେ ଏଠାକୁ ମଧ୍ୟ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ଏବଂ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିବେ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଛନ୍ତି। ଏହାର ନିର୍ମାଣ ଦାୟିତ୍ୱ ବାଲିଗୁଡ଼ା ବନ ବିଭାଗ ନେଇଥିବା ବେଳେ ଇକୋ ପାର୍କ ସହ ନିକଟରେ ଥିବା ଡ୍ୟାମରେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ବାଲିଗୁଡ଼ା ଡିଏଫଓ ବିଶ୍ୱରାଜ ପଣ୍ଡା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ଏମ୍‌ପି ପ୍ରତିନିଧି ଟୁନା ଦାସ, ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ, ଏନଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ, ବିଧାୟକ ପ୍ରତିନିଧି ଅବନୀକାନ୍ତ ନାୟକ, ପୂର୍ବତନ ଏନଏସି ଅଧକ୍ଷ ଲୋକନାଥ ପାଢ଼ୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ । ଅନ୍ୟପଟେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବନାଞ୍ଚଳ ଅଧିକାରୀ ଉଦିତ ପ୍ରଧାନ ସମସ୍ତ ପ୍ରସ୍ତୁତିର ଅନୁଧ୍ୟାନ କରିଥିଲେ । ଫରେଷ୍ଟର ମାନସ କୁମାର ସାହୁ, ଗିରିଶ ସାହୁ, ମନୋରଞ୍ଜନ ପରିଛା, ପ୍ରିୟଙ୍କା କହଁର, ବନରକ୍ଷୀ ସୁଜାତା ସାହୁ, ପାର୍ବତୀ ମଲ୍ଲିକ, ସୁନିତା ପାଣ୍ଡେ, ସତ୍ୟନାରାୟଣ ମହାନ୍ତି, ସ୍ନେହାସ କହଁରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ରାମଚଣ୍ଡୀ ମନ୍ଦିରରେ ସପ୍ତ ମହାଯଜ୍ଞ



କଳସ ଯାତ୍ରା।

ଛତ୍ରପୁର,୮।୨(ଡି.ଏନ୍.ଏ.)

ଛତ୍ରପୁରରୁ ୭ କି.ମି. ଦୂର ଅର୍ଥାତ ଗଞ୍ଜାମ ବ୍ଲକ କରପଡା ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମର ଧଡା ପାହାଡ଼ ଶୀର୍ଷରେ ଅବସ୍ଥାପିତ ମା' ରାମଚଣ୍ଡୀଙ୍କ ନୂତନ ମନ୍ଦିର, ପ୍ରାସାଦ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠା ଲାଗି ସପ୍ତ ମହାଯଜ୍ଞ ଓ ନବଦିନାତ୍ମକ ଯଜ୍ଞାନୁଷ୍ଠାନ ମହୋତ୍ସବ ଆରମ୍ଭ ହୋଇଛି। ମଙ୍ଗଳବାର ପୂର୍ବାହ୍ନରୁ ମା'ଙ୍କ ପୀଠ ଚଳଚଞ୍ଚଳ ହୋଇଛି। ଋଷିକୂଲ୍ୟା ତଟରେ ଅବସ୍ଥାନ କରିଥିବା ମା'ଙ୍କର ମନ୍ଦିର ପ୍ରତିଷ୍ଠା ଯଜ୍ଞାନୁଷ୍ଠାନ ମହୋତ୍ସବ ଲାଗି ବିଧିବଦ୍ଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ମହିଳାମାନଙ୍କ ଦ୍ୱାରା ୧ ହଜାର କଳସରେ ଜଳ ଆସି ଲାଗି ହୋଇଛି। ପରେ ଦୀକ୍ଷାଗ୍ରହଣ, ମଣ୍ଡଳକରଣ ଓ ସନ୍ଧ୍ୟାରେ ଅଙ୍କୁରାରୋପଣ କରାଯାଇଛି। ପାହାଡ଼ ତଳ ଠାରୁ ଶୀର୍ଷ ସ୍ଥାନ ଯାଏଁ ଆଲୋକୀକରଣ, ସାଜସଜ୍ଜା ହୋଇଛି। ବୁଧବାର ପ୍ରାତଃରୁ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଚତୁଃବେଦ ନୀତିକାନ୍ତି ସହ ପ୍ରଚଳନ ହେଉଛି । ଯଜ୍ଞ ଲାଗି ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଅନ୍ୟ ସମସ୍ତ ବନ୍ଦୋବସ୍ତ କରାଯାଇଛି।

# ଫାଇଲେରିଆ, କୃମି ରୋକିବାକୁ ପଦକ୍ଷେପ




ବୈଠକରେ ମଞ୍ଚାସୀନ ଅତିଥି।

ଦାରିଙ୍ଗବାଡି, ୮।୨(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ମ୍ୟାଲେରିଆ ଜ୍ୱର ସମ୍ପୂର୍ଣ୍ଣ ହ୍ରାସ ପାଉଥିବା ବେଳେ ଏବେ ଫାଇଲେରିଆ ଜ୍ୱର ଓ ତା' ପରବର୍ତ୍ତି ସମସ୍ୟା ଦେଖାଯାଇଛି। ଏଭଳି ଚିନ୍ତାଜନକ ଘଟଣାରେ ଏବେ ସ୍ୱାସ୍ଥ୍ୟ ବିଭାଗ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛି । ଏହି ଫାଇଲେରିଆରେ ୧୮ଜଣ ରୋଗୀ ଥିବାବେଳେ ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିକିତ୍ସା ଜାରି ରହିଛି। ଆଗକୁ ଯେଉଁଭଳି ଏହି ରୋଗରେ କେହି ସଂକ୍ରମଣ ନହେବେ ସେଥିପାଇଁ ଆଗୁଆ ପଦକ୍ଷେପ ନେବାକୁ ବୁଧବାର ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ରଶ୍ମିରଞ୍ଜନ ସାହୁଙ୍କ ଅଧକ୍ଷତାରେ ବିଡ଼ିଓ ଗଦାଧର ପାତ୍ର, ବିଇଓ ରସାନନ୍ଦ କର, ସିଡିପିଓ ଅଞ୍ଜଳି ମହାପାତ୍ର, ଦାରିଙ୍ଗବାଡି ଥାନା ସବଇନ୍ସପେକ୍ଟର ଜିତେନ୍ଦ୍ର ବେହେରା, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଠ ସ୍ୱାସ୍ଥ୍ୟକେନ୍ଦ୍ରର ଏମଟିଏସ ସଂଗ୍ରାମ ନାୟକ ପ୍ରମୁଖ ଉପସ୍ଥିତିରେ ମାସ୍ ଡ୍ରଗ ଆଡମିନିଷ୍ଟ୍ରେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଫାଇଲେରିଆ ନିରାକରଣ କରାଯିବା ପାଇଁ ଆସନ୍ତା ୧୦ରୁ୧୯ ପର୍ଯ୍ୟନ୍ତ ୨ ବର୍ଷରୁ ଉର୍ଦ୍ଧ୍ୱ ବୟସର ସମସ୍ତଙ୍କୁ ଡିଇସି ବଟିକା ଓ କୃମି ପାଇଁ ଆଲବେଣ୍ଡାଜଲ ବଟିକା ଦିଆଯିବା ପାଇଁ ନିଷ୍ପତି ନିଆଯାଇଛି। ଏଥିରେ ସମସ୍ତ ଅଙ୍ଗନାୱାଡି କର୍ମୀଙ୍କ ସମେତ ଆଶାକର୍ମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିବା ପାଇଁ ନିଷ୍ପତି ହୋଇଥିବା ଜଣାପଡିଛି ।

### ୮୮ ୟୁନିଟ୍ ରକ୍ତ ସଂଗ୍ରହ

ବୁଗୁଡ଼ା,୮।୨(ଡି.ଏନ.ଏ.)

ବୁଗୁଡା ପିପୁଲ୍ଲ ଡିଗ୍ରୀ କଲେଜରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରଜନୀ କାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ଅକ୍ଷୟ କୁମାର ସାହୁ ଏବଂ ପର୍ଯ୍ୟବେକ୍ଷକ ଭାବେ ଯୁବ ରେଡକ୍ରସ ଅଧିକାରୀ ଦିଲୀପ କୁମାର ଆଚାର୍ଯ୍ୟ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଡାକ୍ତର ହିମାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୮୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରକୁ ଏନସିସି ଲେଫ୍ଟନାଣ୍ଟ ଅଧ୍ୟାପକ ଅଜୟ କୁମାର ସାହୁ, ୱାଇଆରସି କାଉନସିଲର ଅଧ୍ୟାପକ ବିନୋଦ କୁମାର କର ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ୱାଇଆରସି ଲିଡର ଅଲେଖ ବାରିକ ଓ ଚିନ୍ମୟୀ ସାହୁ, ଏନସିସି ଜେୟୁଓ ମୋନାଲିସା ସାହୁ ଓ ଏସୟୁଓ ଆଦିତ୍ୟ କୁମାର ମହାପାତ୍ରଙ୍କ ସହଯୋଗ କରିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦିଗପହଣ୍ଡି,୮।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତ ଧାନ୍ୟରାଶି ଗ୍ରାମ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାମନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗଡ଼ଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବିଶ୍ରବା ପାଇକ, ଆଞ୍ଚଳିକ ସାଧନ କର୍ମୀ ରବୀନ୍ଦ୍ର ମହାରଣା, ଏ.ସୁଦାମ ରେଡ୍ଡୀ, ମୁରଲୀ ପ୍ରଧାନ, କମଳ ଲୋଚନ ପ୍ରଧାନ, ମହେଶ୍ୱର ପ୍ରଧାନ, ଏମ. ଝିଟୁ, ବୁଲୁ ସାହୁ, ପ୍ରଦୀପ କୁମାର ପ୍ରଧାନ, ଏମ.ଶଙ୍କର ପ୍ରଧାନ, ବିଦ୍ୟାଳୟ ପରିଚାଳନା ସମିତି ଉପ ସଭାନେତ୍ରୀ କୁନି ଡାକୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ବଣ୍ଟନ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ଘର ଆମ ଶ୍ରୀମନ୍ଦିର ନାଟକ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଇଟାଭାଟିରେ ଚଢ଼ାଉ

## ଲକ୍ଷାଧିକ ଟଙ୍କାର ନିର୍ମାଣ ସାମଗ୍ରୀ ନଷ୍ଟ



ମେଶିନ ସାହାଯ୍ୟରେ ଇଟାଭାଟି ଭଙ୍ଗାଯାଉଛି।

ଚିକିଟି,୮।୨(ଡି.ଏନ.ଏ.)

ଚିକିଟି ତହସିଲ ଅଧୀନ ବିଭିନ୍ନ ଗ୍ରାମରେ ଚାଲିଥିବା ବେଆଇନ ଇଟାଭାଟି ଉପରେ ବୁଧବାର ନୂଆପଡ଼ା ଫାଣ୍ଡି ସହାୟତାରେ ଚିକିଟି ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ସାନକେଳାଝୁରୀ, ବଡକେଳାଝୁରି, ନୂଆପଡ଼ା, ଚାନ୍ଦପୁର, ଡଭାର, ଦେଉଳିଆପଡା, ବେଲପନ୍ଥୀ, ବାଦୁଆ, ବାତରଡ଼ା ଆଦି ବିଭିନ୍ନ ଗ୍ରାମ ନିକଟରେ ଥିବା କଞ୍ଚା ଇଟା ସମେତ ନିର୍ମାଣ ସାମଗ୍ରୀ ନଷ୍ଟ କରାଯାଇଛି। ସୂଚନାଯୋଗ୍ୟ ମାଟି ପୋଡା ଇଟା ପ୍ରଦୂଷଣ ସୃଷ୍ଟି କରୁଥିବା ନେଇ ଚିକିଟି ତହସିଲ ପ୍ରଶାସନ ପକ୍ଷରୁ ଏହି ଇଟାଭାଟି ଗୁଡିକୁ ବନ୍ଦ କରିବା ପାଇଁ ନୋଟିସ ଜାରି କରିବା ସଙ୍ଗେ ସଙ୍ଗେ ତହସିଲଦାର ବିଶ୍ୱରଞ୍ଜନ କହଁର ଘଟଣାସ୍ଥଳକୁ ଯାଇ ଇଟାଭାଟି ମାଲିକମାନଙ୍କୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଦ୍ୟାବଧି ଏହାକୁ ଅବମାନନା କରିବାରୁ ବୁଧବାର ଜେସିବି ମାଧ୍ୟମରେ ଚଢ଼ାଉ କରାଯାଇଥିବା ନେଇ ତହସିଲଦାର ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଅନ୍ୟଅଞ୍ଚଳ ଗୁଡିକରେ ଥିବା ବେଆଇନ ଇଟାଭାଟି ଗୁଡିକୁ ଚଢ଼ାଉ ଜାରି ରହିବ ବୋଲି ତହସିଲଦାର ବିଶ୍ୱରଞ୍ଜନ କହଁର କହିଛନ୍ତି।

# ଜଳର ସୁବିନିଯୋଗ ଦିଗରେ ଗୁରୁତ୍ୱାରୋପ

ଛତ୍ରପୁର,୮।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



ବୈଠକକୁ ଜିଲାପାଳ ଓ ଅନ୍ୟମାନେ ଉଦଘାଟନ କରୁଛନ୍ତି।

ଛତ୍ରପୁର ଜିଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଗତ ୧ ତାରିଖରେ ଛତ୍ରପୁରରୁ ସଚେତନତା ରଥ ବାହାର ବିଭିନ୍ନ ବ୍ଲକ ଅଞ୍ଚଳ ପରିକ୍ରମା କରିଥିଲା। ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅତିଥିମାନେ କୃଷକମାନଙ୍କ ସକାଶେ ବିଭିନ୍ନ କୃଷି ଯନ୍ତ୍ରପାତି ସମ୍ପର୍କିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପରେ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତିଭାସନ, ଜଳ ସମ୍ପଦ ବିଭାଗୀୟ ମୁଖ୍ୟଯନ୍ତ୍ରୀ ଇଂ ମୁକୁଲ ବେହୁ, ଛତ୍ରପୁର ଡିଭିଜନ ମୁଖ୍ୟ ଯନ୍ତ୍ରୀ ଇଂ ଅଶ୍ୱିନୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ ବିଭୁଦତ୍ତ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ମଧ୍ୟ ନିଜ ବକ୍ତବ୍ୟରେ ଜଳବାୟୁ ପରିବର୍ତ୍ତନ ସମୟରେ ଜଳର ସୁବିନିଯୋଗ ଦିଗରେ ଗୁରୁତ୍ୱରୋପ କରିଥିଲେ । ପାଣିର ସୁଷମ ବଣ୍ଟନହେବା ଦ୍ୱାରା ଉପରମୁଣ୍ଡରୁ ତଳ ସ୍ତରରେ ରହିଥିବା ଚାଷ ଜମିକୁ ଜଳ ଯୋଗାଣ ହୋଇପାରିବ ବୋଲି ମତ ରଖିଥିଲେ। ଏହି ଅବସରରେ ଜିଲାସ୍ତରରେ ଆୟୋଜିତ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର କୃତୀ ଚିକିଟି ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ସୁଶ୍ରୀ ରୁଦ୍ରରୂପା ବ୍ରହ୍ମାଙ୍କୁ ପ୍ରଥମ ପୁରସ୍କାର, ଆଶୁତୋଷ ଚୌଧୁରୀ ଦ୍ୱିତୀୟ ଓ ସୁଶ୍ରୀ ପୟୋଧାରା ପ୍ରଧାନ, ଭଞ୍ଜନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଙ୍କୁ ପୁରସ୍କାର ରାଶି ଦିଆଯାଇଥିଲା। ଚିତ୍ରାଙ୍କନରେ ଶମ୍ଭୁ ବରାଡ ନୋଡାଲ ହାଇସ୍କୁଲ ଏସ. ଗୋପାଳପୁର ପ୍ରଥମ , ସୁଶ୍ରୀ ଉଷାରାଣୀ ଦାଶ, କନକ ମଞ୍ଜରୀ ବାଳିକା ବିଦ୍ୟାଳୟ ଦ୍ୱିତୀୟ, ଦୀପକ ଦାଶ କେ.ସି.ଏନ.ଏଚ.ଏସ. ମଥୁରା ତୃତୀୟ ପୁରସ୍କାର ଗ୍ରହଣ କରିଥିଲେ। ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ରୁଦ୍ର ପ୍ରସାଦ ପଟ୍ଟନାୟକ ପ୍ରଥମ, ଶୁଭ ଶଙ୍କର ସାହୁ ଦ୍ୱିତୀୟ ଓ ସମରଜିତ୍ ବିଷୋୟୀ ତୃତୀୟ ହୋଇ ପୁରସ୍କାର ରାଶି ଗ୍ରହଣ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଶୁଭଶ୍ରୀ ଇପସିତା ସାହୁ ପ୍ରଥମ, ପ୍ରତିତା ପର୍ଣ୍ଣିକା ପାଢ଼ୀ, ଦ୍ୱିତୀୟ ଓ ଅଭିଷେକ ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପଞ୍ଚାୟତ ସଦସ୍ୟା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୫ ଜେସିବି ମେଶିନ, ୭ ଟ୍ରାକ୍ଟର ଜବତ: ୨ ଗିରଫ

ବାଲିଆପାଳ, ୮।୨(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ଏବଂ ଜଳେଶ୍ୱର ଥାନା ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ଜିଲା ଏସ୍‌ପି ସାଗରିକା ନାଥଙ୍କ ତତ୍ତ୍ୱାବଧାନରେ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ଉତ୍ତୋଳନ ହୋଇ ମହଜୁଦ୍ ଥିବା ବାଲିଗଦା ଉପରେ ଚଢ଼ାଉ କରାଯାଇ ମାମଲା ରୁଜୁ ହେବା ସହିତ ୫ ଜେସିବି ମେଶିନ ୭ ଟ୍ରାକ୍ଟର ସହିତ ୨ ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ବାଲିଆପାଳ ଅଞ୍ଚଳର ବାଲି ଚୋରାଚାଲାଣକାରୀ ସୌମ୍ୟଦୀପ ଚକ୍ରବର୍ତ୍ତୀ ଓ ତାଙ୍କର ସହଯୋଗୀ ସୃଷ୍ଟିଧର ଜେନାଙ୍କୁ ପୋଲିସ ଉଠାଇ ନେବା ସହିତ ସୌମ୍ୟଦୀପଙ୍କ ୭ଟି ଟ୍ରାକ୍ଟର ଓ ୨ଟି ଜେସିବି ମେଶିନକୁ ଜବତ କରାଯାଇ ଥାନାକୁ ନେଇଯାଇଥିବା ଜଣାଯାଇଛି। ଏନେଇ ବାଲିଆପାଳ ଥାନାରେ ୭ ତାରିଖରେ ମାମଲା (ନଂ. ୨୭/୨୦୨୩) ରୁଜୁ କରାଯାଇଛି। ଏଥିସହିତ ଅନ୍ୟ ୩ଟି ଜେସିବିକୁ କଣ୍ଟାପାଳରେ ବାଲି ମହଜୁଦ ଥିବା ସ୍ଥାନରେ ପୋଲିସ ଜଗି ରହିଛି। ଏହା ସହିତ ଚକ୍ରବର୍ତ୍ତୀଙ୍କ ବାଲିଆପାଳ, ବସ୍ତା, ଜଳେଶ୍ୱର ତହସିଲ ଅଧୀନରେ ଥିବା ବିଭିନ୍ନ ବେଆଇନ ବାଲି ଷ୍ଟକକୁ ମାପ କରି ବାଲିର ମୂଲ୍ୟ ଆକଳନ କରାଯାଇଥିବା ବେଳେ ବାଲିଆପାଳ ତହସିଲଦାର ଦୀପକ କୁମାରୀ ଦାସ କଣ୍ଟାପାଳସ୍ଥ ନାଲି ଇଟାଭାଟି ଉପରେ ଚଢ଼ାଉ କରି ଟିଣ ଚିମିନି ସହିତ କିଛି ନାଲି ଇଟା ନଷ୍ଟ କରିଛନ୍ତି।

# ଜନକଲ୍ୟାଣ ଯୋଜନାରେ ଦୁର୍ନୀତି, ହରିଲୁଟ୍

**କୋରେଇ ବ୍ଲକ୍**
- ୧୦ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି କର୍ମଚାରୀ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଯାଜପୁର ଅଫିସ/ କୋରେଇ, (ଡି.ଏନ.ଏ.)୮।୨

ଯାଜପୁର ଜିଲା କୋରେଇ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନଆର୍‌ଇଜିଏସ୍), ଆବାସ, ଡ୍ରେନେଜ, ଜଳସେଚନ ଆଦି ଜନହିତକର ଯୋଜନାରେ ଦୁର୍ନୀତି ବରଗଛ ଓହଳ ପରି ଲମ୍ବି ଚାଲିଛି । ଏନେଇ ଅଞ୍ଚଳବାସୀ ଯେତେ ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁନାହିଁ। ବରଂ ବ୍ଲକ କାର୍ଯ୍ୟାଳୟ ଅଧୀନରେ ୫ ଓ ୧୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଗାଦି ମାଡି ବସିଥିବା କେତେଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପୁଣି ଦୁର୍ନୀତି, ପ୍ରିୟାପ୍ରୀତି, ହରିଲୁଟ କରିବାକୁ ପ୍ରୋତ୍ସାହନ ମିଳୁଛି। ୧୪ ଜଣ ଅଧିକାରୀ ଓ କର୍ମଚାରୀଙ୍କ ଏହି ବ୍ଲକରେ ମୋହ ତୁଟୁ ନ ଥିବାରୁ ଯେତେ ବଦଳି ନିର୍ଦ୍ଦେଶ ହେଲେ ବି କଳେବଳେ କୌଶଳେ ତାକୁ ବାତିଲ କରାଯାଉଥିବା ଅଭିଯୋଗ ହୋଇଛି। ଏଥିରେ କେତେଜଣ ସ୍ଥାନୀୟ ନେତାଙ୍କ ହାତ ରହୁଛି ବୋଲି ଚର୍ଚ୍ଚା ହେଉଛି । ଫଳରେ କୋରେଇ ବ୍ଲକର ବିକାଶ ଉପରେ ବିନାଶ ଭାରି ପଡିଛି ବୋଲି ମତପ୍ରକାଶ ପାଇଛି।

ଗ୍ରାମାଞ୍ଚଳରେ ଲୋକଙ୍କୁ କାମଧନ୍ଦା ଯୋଗାଇବା ଏବଂ ସେମାନଙ୍କ କ୍ରୟଶକ୍ତି ବୃଦ୍ଧି ଉଦ୍ଦେଶ୍ୟରେ ସଂସଦରେ ଗୃହୀତ ଆଇନ ବଳରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ପ୍ରାକୃତିକ ସମ୍ବଳ ଯଥା:-ଜଳ ଅମଳ




ପ୍ରକଳ୍ପ, ପୋଖରୀ ପୁନରୁଦ୍ଧାର, ମରୁଡ଼ି ନିରାକରଣ ଏବଂ ଗରିବଙ୍କ ଜମିର ଉନ୍ନୟନକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ରହିଛି । କିନ୍ତୁ ଯାଜପୁର ଜିଲାରେ ସେହି ଯୋଜନା ପାଣ୍ଠି ବିନିଯୋଗରେ ରାସ୍ତା ନିର୍ମାଣ ଓ ଅନ୍ୟାନ୍ୟ କ୍ଷେତ୍ରରେ ୬୫ ପ୍ରତିଶତ ଖର୍ଚ୍ଚ କରାଯାଇଥିବାବେଳେ ପ୍ରାକୃତିକ ସମ୍ବଳ ସୃଷ୍ଟି କ୍ଷେତ୍ରରେ ମାତ୍ର ୩୫ ପ୍ରତିଶତ ଖର୍ଚ୍ଚ କରାଯାଇଛି । ଯାଜପୁର ଜିଲାରେ ଏମ୍‌ଜିଏନଆରଇଜିଏସ୍ ଅନ୍ୟ ସାଧାରଣ ଯୋଜନା ଭଳି ଅମଲାତନ୍ତ୍ର ଏବଂ ଠିକାଦାରଙ୍କ ଜାଲରେ ଛନ୍ଦି ହୋଇ ଦିଗହରା ହୋଇଥିବା ପରିଲକ୍ଷିତ ହେଉଛି । ଗାଇଡ୍ ଲାଇନ ଅନୁସାରେ ଉକ୍ତ ଯୋଜନା ପାଇଁ ଆବଣ୍ଟିତ ପାଣ୍ଠିରୁ ଲୋକଙ୍କୁ ମଜୁରୀ ଦେବାରେ ୬୦ପ୍ରତିଶତରୁ କମ ଖର୍ଚ୍ଚ ହେବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି । ମାତ୍ର ବାସ୍ତବପକ୍ଷେ ଏଥିରୁ ୫୦ ପ୍ରତିଶତ ମେଶିନ ଦ୍ୱାରା ଖର୍ଚ୍ଚ ହେଉଛି। ମିଥ୍ୟା ମଷ୍ଟରରୋଲ ତିଆରି କରି ଶ୍ରମିକଙ୍କ ନାମରେ ଏମ୍‌ଜିଏନଆରଇଜିଏସ୍ ଟଙ୍କା ହରିଲୁଟ ହେଉଛି। ଏହାର ଗଳାବାଟ ପ୍ରସ୍ତୁତ କରିବାକୁ ଯାଇ ଏମ୍‌ଜିଏନଆରଇଜିଏସ୍‌ରେ ଅନ୍ୟ ଏକ ଯୋଜନାକୁ ସାମିଲ କରାଯାଉଛି। ଯେଉଁଠି ମେଶିନ ଚାଲିଥିବା ଅଭିଯୋଗ ହେଉଛି ସେଠାରେ ଅନ୍ୟ ଏକ ଯୋଜନାକୁ ସାମିଲ କରାଯାଇଛି ବୋଲି ଦର୍ଶାଇ ଦାୟିତ୍ୱରେ ଥିବା ଅଧିକାରୀମାନେ ମୁକୁଳି ଯାଉଛନ୍ତି। ଯାହାକି କୋରେଇ ବ୍ଲକରେ ଏଭଳି ଚଞ୍ଚକତା ଅଧିକ ଦେଖିବାକୁ ମିଳିଛି। ଉକ୍ତ ବ୍ଲକରେ ୩୨,୮୪୭ ଜଣଙ୍କ ପାଖରେ ବର୍ତ୍ତମାନ ଜବ୍‌କାର୍ଡ ରହିଛି। ହେଲେ ବୁଧବାର ସୁଦ୍ଧା ମାତ୍ର ୧୩୩ ପରିବାର ୧୦୦ ଦିନର କାମ ସମ୍ପୂର୍ଣ୍ଣ କରିଛନ୍ତି। ଏମ୍‌ଜିଏନଆରଇଜିଏସ୍‌କୁ ତଦାରଖ ଏବଂ ପରିଚାଳନା କରିବାକୁ ପଞ୍ଚାୟତସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ), ଏମ୍‌ଜିଏନଆରଇଜିଏସ୍ ଆସିଷ୍ଟାଣ୍ଟ, ଜିଆରଏସ୍ ପ୍ରମୁଖ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି।

ଅନ୍ୟପକ୍ଷେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୨।୨୦୨୨ ସୁଦ୍ଧା ଉକ୍ତ ବ୍ଲକର ୨ ଜଣ ପିଇଓ ଶ୍ରୀବାସ କୁମାର ରାଉତ ଏବଂ ସଂଯୁକ୍ତା ସାହୁଙ୍କ ୧୦ ବର୍ଷ ହେଲା ବଦଳି ହୋଇନାହିଁ। ସେହିପରି ପିଇଓ ଗୌରାଙ୍ଗଚରଣ ପ୍ରଧାନ ୩।୨।୨୦୧୬ରୁ ଓ ନାରାୟଣ ଚନ୍ଦ୍ର ବେହେରା ୭।୯।୨୦୧୭ରୁ ଏଠାରେ ଅବସ୍ଥାପିତ ଅଛନ୍ତି। ବିଡମ୍ବନା ଯେ, ଏମ୍‌ଜିଏନଆରଇଜିଏସ୍ ଆସିଷ୍ଟାଣ୍ଟ ଭାବେ ନିରୋଧ କୁମାର ପାଢୀ ୪।୧୧।୨୦୧୨ ଓ ଶାନ୍ତିଲତା ଜେନା ୫।୧୧।୨୦୧୨ରୁ କୋରେଇ ବ୍ଲକରେ କାର୍ଯ୍ୟରତ ଅଛନ୍ତି। ଏସିପି ଅନିଲ କୁମାର ସାହୁ ମଧ୍ୟ ୧୬।୮।୨୦୦୮ରୁ ଏଠାରେ କାମ କରୁଛନ୍ତି। ଅନ୍ୟପକ୍ଷେ ବିପିଏ ରଞ୍ଜନ କୁମାର ଓଝା, ଡବ୍ଲ୍ୟୁଇଓ ସେକ୍ସନର ଡିଇଓ ସୁଦର୍ଶନ ସାମଲ, ବିଏସ୍‌ଏସ୍‌ଓ ସେକ୍ସନ ପିଏ ମନିଷା ପରିଡ଼ା, ଏଡିଷ୍ଟ୍ୟୁଓ ହେମନ୍ତ କୁମାର ଜେନା, ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ଉତ୍ତମ ଚନ୍ଦ୍ର ରଣା, ଆସିଷ୍ଟାଣ୍ଟ ଫିସରୀ ଅଫିସର ଗାୟତ୍ରୀ ନାୟକ ପ୍ରମୁଖଙ୍କ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ବଦଳି ହୋଇନାହିଁ। ଏ ସଂକ୍ରାନ୍ତରେ କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ମତାମତ ନେବାକୁ ବୁଧବାର ସନ୍ଧ୍ୟାରେ ତାଙ୍କୁ ଏକାଧିକ ଥର ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

କଳିଙ୍ଗନଗର,୮।୨(ଡି.ଏନ.ଏ.):

ବିଜୁ ପଟ୍ଟନାୟକ ମାର୍ଗର ମାନତିରା ଛକରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଏକ ହାଇୱାକୁ ଟିପ୍ପର ଓଭର୍ ଟେକ କରୁଥିବାବେଳେ ବାଇକ ଆରୋହୀ ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଗୋଲେଖ ପରିଡ଼ା ଟିପ୍ପରକୁ ଓଭର ଟେକ କରିବାକୁ ଚେଷ୍ଟା କରୁଥିଲେ। ଫଳରେ ଭାରସାମ୍ୟ ହରାଇ ଟିପ୍ପରରେ ଧକ୍କା ଦେବାରୁ ସେ ଘଟଣାସ୍ଥଳରେ ଗୁରୁତର ହୋଇ ପଡ଼ିଥିଲେ। ଯଖପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରି ଦାନଗଦି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ଗୋଲେଖଙ୍କ ପରିବାରକୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଦୁର୍ଘଟଣା ଘଟାଇଥିବା ଟିପ୍ପରକୁ ଖୋଜିବା ଆରମ୍ଭ କରିଛି।

# କୋରାବନ୍ଧୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବିଦ୍ୟାଳୟ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ଛାତ୍ରୀମାନେ।

ରଗଡ଼ି,୮।୨(ଡି.ଏନ.ଏ.):

କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତ କୋରାବନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅନ୍ଧାରୀ ସରପଞ୍ଚ ରାଜେନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ କୋରେଇ ବିଡିଓ ରଞ୍ଜନ କୁମାର ପରିଡ଼ା ଓ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ମଲ୍ଲିକ ଯୋଗଦେଇ ପିଲାଙ୍କ ଶୈକ୍ଷିକ, ବୌଦ୍ଧିକ ଓ ଶାରୀରିକ ବିକାଶ ଉପରେ ଆଲୋକପାତ କରିଥିଲେ। ଜିଲା ପରିଷଦ ସଭ୍ୟା ସସ୍ମିତା ତରେଇ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ବିଜୟ ନାୟକ, ଜିଲା ସମ୍ପାଦକ ମୀନକେତନ ଦାସ, କୋରେଇ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଭିକାରି ବରାଳ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ତଳଗଡ଼ ସରପଞ୍ଚ ସନ୍ତୋଷ ସ୍ୱାଇଁ, ପାଟରଙ୍ଗ ସରପଞ୍ଚ ରଞ୍ଜନ ଦାସ, କାନ୍ତର ସରପଞ୍ଚ ସାରଙ୍ଗ ପ୍ରଧାନ, ପରମାନନ୍ଦପୁର କ୍ଲଷ୍ଟରର ସିଆର୍‌ସିସି ହରେକୃଷ୍ଣ ସ୍ୱାଇଁ, କୋରାବନ୍ଧୀ ବିଦ୍ୟାଳୟ ପ୍ରଧାନଶିକ୍ଷକ କାହ୍ନୁଚରଣ ସେଠୀ, ଶିକ୍ଷାବିତ ପାଣ୍ଡୁଚରଣ କର, ଧନେଶ୍ୱର କ୍ଲଷ୍ଟରର ସିଆର୍‌ସିସି ପ୍ରଫୁଲ୍ଲ ରାଉତ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ କମିଟି ସଭାପତି ରବୀନ୍ଦ୍ର ରାଉତ, ପ୍ରଗତିବାଦୀ ପ୍ରତିନିଧି ପବିତ୍ରମୋହନ ରାଉତରାୟ, ବିଦ୍ୟାଳୟର ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟମାନେ ଉପସ୍ଥିତ ଥିଲେ।

# ଆଜାଦ୍ କ୍ଲବର ବାର୍ଷିକୋତ୍ସବ



ଆଜାଦ୍ କ୍ଲବର ବାର୍ଷିକୋତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଯୋଗୀ।

ରସୁଲପୁର,୬।୨(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ(ଝାଟିଆ) ଗ୍ରାମ ଆଜାଦ୍ କ୍ଲବର ବାର୍ଷିକୋତ୍ସବ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସଭାରେ କ୍ଲବ ସଭାପତି ଇଂ. ବିରଜା ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କୃଷକ ଲକ୍ଷ୍ମଣ ଦାସ, ମୁଖ୍ୟବକ୍ତା ଅଧ୍ୟାପକ ବୃନ୍ଦାବନ ଶତପଥୀ, ସମ୍ମାନିତ ଅତିଥି ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସ୍ଥାନୀୟ ସରପଞ୍ଚ ଆୟୁଷମତି ଦାସ, ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ, ଗ୍ରାମୀଣ ଏକତା ମଞ୍ଚ ସଭାପତି ଅଭିମନ୍ୟୁ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ଶତପଥୀ, କଳାକାର ଚନ୍ଦ୍ରମଣୀ ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଠାରେ ୨ଦିନ ବ୍ୟାପୀ ଆୟୋଜିତ ଉତ୍ସବର ପ୍ରଥମ ଦିବସରେ ସ୍ଥାନୀୟ ଅଞ୍ଚଳର ପ୍ରତିଯୋଗୀଙ୍କୁ ନେଇ ନୃତ୍ୟ, ସଂଗୀତ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀଙ୍କୁ ଚୟନ ପାଇଁ ବିଚାରକ ଭାବେ ଶିକ୍ଷୟିତ୍ରୀ ଦେବସ୍ମିତା ପାଢ଼ୀ ଓ କାର୍ତ୍ତିକେଶ୍ୱର ଭୂୟାଁ ଯୋଗ ଦେଇଥିଲେ। କ୍ଲବ ସଦସ୍ୟ ସ୍ୱପ୍ନେଶ୍ୱର ଦାଶ, ଅବିନାଶ ଦାଶ, ସତ୍ୟଶିବସୁନ୍ଦର ଦାଶ, ଜ୍ୟୋତିପ୍ରକାଶ ଦାଶ, ଶୁଭ୍ରଜିତ୍ ଦାଶ, ସତ୍ୟଜିତ୍ ଦାଶ, ଦେବାଶିଷ ଦାଶ, ଦେବୀତୋଷ ଦାଶ, ସୌମ୍ୟରଞ୍ଜନ ଦାଶ, ସତ୍ୟରଞ୍ଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କ୍ଲବ ସମ୍ପାଦକ ଶକ୍ତି ପ୍ରକାଶ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶୁଭାଶିଷ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିକ୍ରମ ଦାଶ ଧନ୍ୟବାଦ ଦେଇଥିଲେ।

# ବିବାଦୀୟ ଜମିରୁ ମାଟି ଉଠାଣକୁ ବିରୋଧ

ରସୁଲପୁର,୮।୨(ଡି.ଏନ.ଏ.):

ରସୁଲପୁର ତହସିଲ ଅଧୀନ ବାହାଦଲାପୁର ପଞ୍ଚାୟତ ପରିଡ଼ାବାଦ ଗ୍ରାମର ବିବାଦୀୟ ଜମିରୁ ମାଟି ଉଠାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ବିରୋଧ ମୁତାବକ, ଠିକାଦାରମାନେ ବୀର ଯବାନଙ୍କ ପାଇଁ ଉଦ୍ଦିଷ୍ଟ ଜମିରୁ ବେଆଇନ ଭାବରେ ମାଟି ଉଠାଉଛନ୍ତି। ଏ ନେଇ ତହସିଲ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ତହସିଲରେ ଅଭିଯୋଗ କରିବାରୁ ରାଜସ୍ୱ ନିରୀକ୍ଷକ ଦୁର୍ଯୋଧନ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହ ମାଟି ଉଠାଣକୁ ବନ୍ଦ କରିଛନ୍ତି। ବେଆଇନ ମାଟି ଉଠାଣରେ ବ୍ୟବହୃତ ମେଶିନ ଓ ଟ୍ରାକ୍ଟରକୁ ରାଜସ୍ୱ ନିରୀକ୍ଷକ ଛାଡ଼ିଦେବା ଘଟଣାକୁ ନେଇ ଅଭିଯୋଗକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଖରସ୍ରୋତା ନଦୀର ବାମପାର୍ଶ୍ୱ ବନ୍ଧର ପ୍ରଶସ୍ତୀକରଣ କାର୍ଯ୍ୟ ଜାରି ରହିଛି । ଉକ୍ତ କାର୍ଯ୍ୟରେ ମାଟି ପକାଇବା ପାଇଁ ଠିକାସଂସ୍ଥା ପକ୍ଷରୁ ବନ୍ଧ ପାର୍ଶ୍ୱରେ ଥିବା ଅନାବାଦୀ ଜମିରୁ ମେଶିନ ଓ ଟ୍ରାକ୍ଟର ସହାୟତାରେ ମାଟି ଉଠା ଯାଉଥିଲା। ଉକ୍ତ ଜମିଟି ଯବାନଙ୍କ ପାଇଁ ସଂରକ୍ଷିତ ରହିଛି ବୋଲି ଦର୍ଶାଇ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ମାତ୍ର ସ୍ଥାନୀୟ ଜନସାଧାରଣଙ୍କ ବିରୋଧକୁ ଠିକାଦାର ଭୃକ୍ଷେପ କରି ନ ଥିଲେ। ଫଳରେ ଏ ସମ୍ପର୍କରେ ଜନସାଧାରଣ ରସୁଲପୁର ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଷଡ଼ଙ୍ଗୀ ପହଞ୍ଚି ବେଆଇନ ମାଟି ଉଠାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ମାଟି ଉଠାଇବା ପାଇଁ ସଂସ୍ଥା ଯାଜପୁର ତହସିଲରୁ ଅନୁମତି ଆଣିଥିବା ସମ୍ପର୍କରେ ଅବଗତ ହୋଇଥିଲେ। ମାତ୍ର ମାଟି ଉଠାଉଥିବା ଜମିଟି ରସୁଲପୁର ତହସିଲ ଅଧୀନରେ ବୋଲି ଜଣାପଡ଼ିଥିଲା। ଏ ଦିଗରେ ନିରୀକ୍ଷକ ଷଡ଼ଙ୍ଗୀଙ୍କୁ ପଚାରିବାରୁ ଠିକାସଂସ୍ଥା ପକ୍ଷରୁ ମାଟି ଉଠାଇବା ପାଇଁ ଯାଜପୁର ତହସିଲରୁ ଅନୁମତି ଅଣାଯାଇଛି। ମାଟି ଉଠାଉଥିବା ସ୍ଥାନଟି ରସୁଲପୁର ଓ ଯାଜପୁର ତହସିଲ ସୀମାରେ ଅବସ୍ଥିତ। ସଂସ୍ଥା ମାଟି ଉଠାଇବା ସମୟରେ ରସୁଲପୁର ତହସିଲ ସୀମା ଅଞ୍ଚଳରୁ ୧୦ଫୁଟ ମାଡ଼ି ଆସିଥିଲା। ଏହାକୁ ସେ ବନ୍ଦ କରିଦେଇ ଥିଲେ ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ଜେସିବି ମେଶିନ ଦ୍ୱାରା ମାଟି ଉଠାଯାଉଛି।

# ଉଦୟବଟ ତରଫରୁ ସ୍ମୃତିସଭା

ଯାଜପୁର ରୋଡ,୮।୨(ଡି.ଏନ.ଏ.) :

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ସାହିତ୍ୟିକ, କବି ତଥା ସୁବକ୍ତା ହୁସେନ ରବି ଗାନ୍ଧୀ ଓ ପୂର୍ବତନ ବିଧାୟକ ଅର୍ଜୁନ ଦାସଙ୍କ ବିୟୋଗରେ ମଙ୍ଗଳବାର ଦୁର୍ଲ୍ଲଭ କଳା ପରିଷଦ ମଣ୍ଡପଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଉଦୟବଟ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଭିନେତା ପିଣ୍ଟୁ ନନ୍ଦଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିବା ପାଇଁ ଈଶ୍ୱରଙ୍କ ନିକଟରେ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ଏହି ସଭାରେ ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଚନ୍ଦ୍ରମଣି ସାମଲ, ସହ-ସମ୍ପାଦକ ପ୍ରଫୁଲ୍ଲ କୁମାର ନାୟକ, ସୁସାହିତ୍ୟିକ ଡ. ଅକ୍ଷୟ କୁମାର ପଣ୍ଡା, ଭି.ଏନ. କଲେଜର ଅବସରପ୍ରାପ୍ତ ମୁଖ୍ୟକିରାଣୀ ନୃସିଂହ ଚରଣ ବଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୟାଧର ଭଦ୍ର ଓ ବାବୁଲି ବେହେରା, ହିନ୍ଦୁ ସୁରକ୍ଷା ସେନାର ଯାଜପୁର ଜିଲା ସଭାପତି ବସନ୍ତ କୁମାର ପାତ୍ର, ବିଦ୍ୟୁତପ୍ରଭା ରାୟ, ଗୌରୀଶଙ୍କର ପତି, ସନାତନ ମଲ୍ଲିକ, ସମର ମଣ୍ଡଳ, ବାବୁଲି ଜେନା, ଚକ୍ରଧର ମଲ୍ଲିକ, ଭାରତ ଭୂଷଣ ରାଉତ, ସମୀର କୁମାର ମିଶ୍ର, ସୁମନ ରାୟ, ଜି. ସୁରେନ୍ଦ୍ରନ ପିଲାଇ, ସୁଜାତା ଜେନା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।



ସ୍ମୃତି ସଭାରେ ଯୋଗଦେଇଥିବା ଅତିଥି।

# ପୁଟୁଲି ବୈଶ୍ୟ ସମାଜର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ପୁଟୁଲି ବୈଶ୍ୟ ସମାଜର କର୍ମକର୍ତ୍ତା।

ଚଣ୍ଡିଖୋଲ,୮।୨(ଡି.ଏନ.ଏ.):

ଲକ୍ଷ୍ମୀନାରାୟଣ ପୁଟୁଲି ବୈଶ୍ୟ ସମାଜ ସୁଙ୍ଗୁଡ଼ା ଥାନର ୪୩ତମ ବାର୍ଷିକ ଉତ୍ସବ ନୂଆହାଟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ପରେ ସଭାପତି ନିମାଇଁ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କେନ୍ଦୁପାଟଣା ମଣ୍ଡଳ ଉପସଭାପତି ଗୋବର୍ଦ୍ଧନ ନାୟକ, ସମ୍ପାଦକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ନୀଳମଣି ପୃଷ୍ଟି ପୂର୍ବବର୍ଷର ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୂତନ ଗୃହ ନିର୍ମାଣ ଓ କେନ୍ଦୁପାଟଣାଠାରେ ହେବାକୁ ଥିବା ମହାସମ୍ମିଳନୀ ନେଇ ଆଲୋଚନା କରାଯାଇଥିଲା। ମହିଳା ନେତ୍ରୀ ସସ୍ମିତା ନାୟକ, ଅନନ୍ତ ଚରଣ ସାହୁ, ପ୍ରଫୁଲ୍ଲ କୁମାର ପଶାରୀ, ପ୍ରଦୀପ୍ତ କୁମାର ପୃଷ୍ଟି ଓ ଶ୍ରୀନିବାସ ପୃଷ୍ଟି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାରେ ଶତାଧିକ ପୁଟୁଲି ବୈଶ୍ୟ ବଣିଆ ସମ୍ପ୍ରଦାୟର ପ୍ରତିନିଧି ଉପସ୍ଥିତ ଥିଲେ।

# କଟ୍‌ନୀଛଟ୍‌ନୀ ବାବଦ ଟଙ୍କା ଫେରାଇଲେ ମିଲର୍ସ

**ଯାଜପୁର ଜିଲା ମହିସରା ପାକ୍ସ**

ଯାଜପୁର ଅଫିସ,୮।୨:

ଚଳିତ ଖରିଫ ଋତୁ ଧାନ ସଂଗ୍ରହରେ କଟ୍‌ନୀଛଟ୍‌ନୀ ନେଇ ଚାଷୀଙ୍କ ଅସନ୍ତୋଷ, ନବ ନିର୍ମାଣ କୃଷକ ସଙ୍ଗଠନର ଅଭିଯୋଗ ଏବଂ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏକ ମିଲର୍ସ ଚାଷୀଙ୍କ ଟଙ୍କା ଫେରାଇଛି। ଏହି ଘଟଣା ସାରା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଜିଲାର ଅନ୍ୟ ବ୍ଲକ ଅଞ୍ଚଳରୁ ସମ୍ପୃକ୍ତ ମିଲର୍ସମାନେ କଟ୍‌ନୀଛଟ୍‌ନୀ ନାମରେ କାଟି ଥିବା ଅର୍ଥ କେବେ ଫେରାଇବେ ବୋଲି ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୪ରୁ ଜିଲାରେ ଖରିଫ ଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଧାନର ଏଫ୍‌ଏକ୍ୟୁ ମାନ ଆଳରେ ମିଲର୍ସମାନେ କୁଇଣ୍ଟାଲ ପିଛା ୫ ରୁ ୧୦ କେଜି ଓଜନ କାଟି ଅର୍ଥ ପ୍ରଦାନ କରୁଥିଲେ। ଏନେଇ ସଙ୍ଗଠନ ପକ୍ଷରୁ ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ମିଲର୍ସମାନଙ୍କ ଚେତା ପଶିଛି। ବୁଧବାର ସକାଳୁ ଧର୍ମଶାଳା ବ୍ଲକ ମହିଶରା ପାକ୍ସରେ ଜିଲା ଯୋଗାଣ ଅଧିକାରୀ, ସମବାୟ ସମିତି ସହ ନିବନ୍ଧକ ଓ ଆରଏମ୍‌ସି ସମ୍ପାଦକ ପ୍ରମୁଖଙ୍କ ଉପସ୍ଥିତିରେ ଇଷ୍ଟର୍ନ ରାଇସ୍ ମିଲ ଧାନ କଟାଯାଇଥିବା ଚାଷୀମାନଙ୍କୁ ନଗଦ ଟଙ୍କା ଫେରାଇଥିବା ଜଣାପଡିଛି। ଚାଷୀ ପ୍ରତାପ ରାଉତ, ସୁକଦେବ ସ୍ୱାଇଁ, ପୁରୁଷୋତ୍ତମ ନନ୍ଦ, ସୌଭାଗ୍ୟ ନନ୍ଦ, ନିରଞ୍ଜନ ବେହେରା, ସୁବାସ ସାହୁ ପ୍ରମୁଖ ଗତ ୧୨ତାରିଖରୁ ଧାନମଣ୍ଡିରେ ଧାନ ରଖିଥିଲେ ହେଁ ମିଲର ନ ଆସିବାରୁ ତାହା ପଡି ରହିଥିଲା। ଖବର ପାଇ ନବନିର୍ମାଣ କୃଷକ ସଙ୍ଗଠନର ଏକ ଟିମ୍ ଗତ ୨୪ ତାରିଖରେ ପହଞ୍ଚି ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ମିଲର ଧାନ ଉଠାଇଥିଲେ। କଟ୍‌ନୀଛଟ୍‌ନୀ ହେବ ନାହିଁ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶକୁ ମିଲର ଖାତିର ନ କରି ଦିଆଯାଇଥିବା ମୋଟ ୨୧୭ କୁଇଣ୍ଟାଲ ୨୫ କିଲୋଗ୍ରାମ ଧାନରୁ ୮ କୁଇଣ୍ଟାଲ ୯୩ କିଗ୍ରା କାଟି ୨୦୮ କୁଇଣ୍ଟାଲ ୩୨ କେଜି ହିସାବ ଦେଇଥିଲେ। ଏହା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ହେବାରୁ ନବନିର୍ମାଣ କୃଷକ ସଙ୍ଗଠନ ପୁନର୍ବାର ହସ୍ତକ୍ଷେପ କରି ଏଡିଏମ୍, ଓଏସ୍‌ଡି, ସିଏସ୍‌ଓ, ଆରଏମ୍‌ସି ପ୍ରମୁଖଙ୍କ ନିକଟରେ ଦାବି କରି ଏହାର ସମାଧାନ ନିମନ୍ତେ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜିଲାସ୍ତରୀୟ ଅଧିକାରୀମାନେ ସକାଳୁ ମଣ୍ଡିରେ ପହଞ୍ଚି ଚାଷୀଙ୍କ ସମସ୍ୟା ସମାଧାନ କରିଛନ୍ତି । ଏହାସହ ଆଉ କେବେ ବି କଟ୍‌ନୀ ଛଟ୍‌ନୀ ହେବ ନାହିଁ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।




ମହିସରା ପାକ୍ସ ଆଗରେ ଉପସ୍ଥିତ ଚାଷୀ।

# ସାମାଜିକ କର୍ମୀଙ୍କ ସ୍ମୃତିସଭା




ରାଜକନିକା,୮।୨(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ଉପାନ୍ତ ଫାଜିଲପୁର ଗ୍ରାମର ସାମାଜିକ କର୍ମୀ ରମାକାନ୍ତ ସାମଲଙ୍କ ଏକଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । ସେ ଜଣେ ସମାଜସେବୀ ଥିଲେ । ଗାଁ ରାସ୍ତାଘାଟର ବିକାଶ ଦିଗରେ ତାଙ୍କର ବହୁ ଅବଦାନ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ପଣ୍ଡା ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣସଗଣ୍ଡ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଦେବଦତ୍ତ ଦାସ, କବି ଲୋକନାଥ ସାମଲ, ଆନନ୍ଦ ପାଣ୍ଡବ, ଉତ୍କଳମଣି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅନ୍ନଦା ପ୍ରସାଦ ରାଉତ, ଶ୍ରୀବତ୍ସ ଲାଞ୍ଛନ ଦାଶ, ବାସୁଦେବ ରାଉତ, ପ୍ରଧାନ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ବୈଷ୍ଣବ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ତାଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ ।

# ସୀମିତ କର୍ମନିଯୁକ୍ତିକୁ ନେଇ ଚିନ୍ତା

**କେନ୍ଦ୍ରାପଡ଼ା ଜିଲା**
- ଜଟିଳ ହେଉଛି ଦାଦନ ସମସ୍ୟା
- ପ୍ରତିଶ୍ରୁତିରେ ରହିଛି ଶିଳ୍ପ,ପର୍ଯ୍ୟଟନ ଶିଳ୍ପର ବିକାଶ
- ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ନାହିଁ
- ମାନବ ଚାଲାଣ ପାଇଁ ସୁଯୋଗ ସୃଷ୍ଟି ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୮।୨

ରାଜ୍ୟର ଅନ୍ୟ ଜିଲା ତୁଳନାରେ କେନ୍ଦ୍ରାପଡ଼ାରେ ସାକ୍ଷରଙ୍କ ସଂଖ୍ୟା କମ ନୁହେଁ । ଏଠାରେ ୮୫.୯୩ ପ୍ରତିଶତ ସାକ୍ଷର । ୫୭ ହଜାରରୁ ଅଧିକ ସ୍ନାତକ ଓ ତା'ଠାରୁ ଉପର ଡିଗ୍ରୀଧାରୀ ଜିଲା କର୍ମ ନିୟୋଜନ କେନ୍ଦ୍ରରେ ନାମ ପଞ୍ଜୀକୃତ କରିଛନ୍ତି । ସେହିପରି ଜିଲାର ଉର୍ବର ମୃର୍ତ୍ତିକା ଅର୍ଥନୈତିକ ଫସଲ ଉତ୍ପାଦନ ପାଇଁ ସକ୍ଷମ । ଜାତୀୟ ଉଦ୍ୟାନ ଭିତରକନିକା ସମେତ ଆଧ୍ୟାତ୍ମିକ କ୍ଷେତ୍ର ହୋଇଥିବାରୁ ପର୍ଯ୍ୟଟନ ଶିଳ୍ପ ପାଇଁ ଉପଯୋଗୀ । ଏଥିସହିତ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ବିଭିନ୍ନ ସମୟରେ ଜମି ଅଧିଗ୍ରହଣ ହୋଇଛି । ଏସବୁ ପରେ ବି ଜିଲା ଆର୍ଥିକ ବିକାଶ କ୍ଷେତ୍ରରେ କେବିକେଠାରୁ ପଛରେ ଥିବା ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଦର୍ଶାଉଛି । ବନ୍ୟା, ବାତ୍ୟା, ମରୁଡ଼ି, ତଟକ୍ଷୟ ଆଦି ପ୍ରାକୃତିକ ବିପର୍ଯ୍ୟୟ ଜିଲାରେ ଯୁବବର୍ଗଙ୍କୁ କୃଷି ପ୍ରତି ବିମୁଖ କରାଇଛି । ପର୍ଯ୍ୟଟନ ଶିଳ୍ପ ଓ ଶିଳ୍ପର ବିକାଶ ହୋଇ ପାରୁ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି । ବାରମ୍ବାର ମାନବ ଚାଲାଣ ଓ ଶ୍ରମିକ ନିର୍ଯାତନା ଖବର ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନଙ୍କୁ ଚିନ୍ତାରେ ପକାଇଛି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରତାପ କୁମାର ପାଠୀ, ମାନବାଧିକାର କର୍ମୀ ସାଗର ଜେନା, ସାମାଜିକ କର୍ମୀ ମନୋଜ କୁମାର ନାୟକ, ବାନାମ୍ବର ସାହୁ, ଡା. ମିଳନ କୁମାର ପ୍ରମୁଖ କହିଛନ୍ତି, ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ଜିଲାର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ । ଜିଲାର ପ୍ରତି ବର୍ଗ କିଲୋମିଟରରେ ୫୪୫ରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି । ଏହି ଲୋକସମ୍ବଳକୁ ବିନିଯୋଗ ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ନାହିଁ । କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଯୁବବର୍ଗଙ୍କ ଆଗ୍ରହ ବଢୁଥିଲେ ମଧ୍ୟ ଏଥିରେ ଜିଲା ଶିଳ୍ପ କେନ୍ଦ୍ର ଓ ବ୍ୟାଙ୍କ ସହଯୋଗ ଦେଉନାହାନ୍ତି। କୃଷି କ୍ଷେତ୍ରରେ ଜୀବିକା ନିର୍ବାହ ପାଇଁ ଯୁବବର୍ଗ ଆଗ୍ରହ ପ୍ରକାଶ କରୁନାହାନ୍ତି । ରାଜ୍ୟର ଦ୍ୱିତୀୟ ବୃହତ୍ତମ ଜଳପଥ ଏହି ଜିଲାରେ ଅଛି । ତେବେ ଏହାର ଜଳ ପରିଚାଳନା ଜିଲାବାସୀଙ୍କ ପାଇଁ ଏକ ସମସ୍ୟା ହୋଇଛି । ୧ଲକ୍ଷ ୫୨ ହଜାର ଚାଷପୋଯୋଗୀ ଜମିରେ ଜଳ ସେଚନ ଓ ଜଳ ନିଷ୍କାସନ ସମସ୍ୟାର ସମାଧାନ ହୋଇ ପାରୁନାହିଁ । ବନ୍ୟାରେ ପ୍ରତିବର୍ଷ ୫୫ ପଞ୍ଚାୟତ କ୍ଷତିଗ୍ରସ୍ତ ହେଉଥିବା ବେଳେ ଅଧିକ ହେଲେ ଜିଲାର ଚାଷକୁ ପ୍ରଭାବିତ କରୁଛି । ସାମୁଦ୍ରିକ ତଟକ୍ଷୟ ସମସ୍ୟା ହୋଇଥିବା ବେଳେ ଏବେବି ଜିଲାର ୭୪୪ କିମି ତଟବନ୍ଧରୁ ୨୩୪ କିମି ଅସୁରକ୍ଷିତ ହୋଇ ରହିଛି । ସାମୁଦ୍ରିକ ବାତ୍ୟା ଓ ମରୁଡ଼ି କୃଷି ଫସଲକୁ ପ୍ରଭାବିତ କରୁଛି । ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ କର୍ମନିଯୁକ୍ତି ସମସ୍ୟାର ସମାଧାନ କିଛି ମାତ୍ରାରେ ସମାଧାନ ହୋଇ ପାରିବ। ଦୀର୍ଘଦିନ ଧରି ଶିଳ୍ପ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଯାଉଛି । ଏପରି କି ମହାକାଳପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ଡେରାବିଶ ବ୍ଲକ ଅଞ୍ଚଳରେ ଏଥିପାଇଁ ଜମି ଅଧିଗ୍ରହଣ କରାଯାଉଛି। ମାତ୍ର ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ମଧ୍ୟମ ଧରଣର ଶିଳ୍ପଟିଏ ନାହିଁ । ଫଳରେ କର୍ମନିଯୁକ୍ତି ପାଇଁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି ।

ପଟ୍ଟାମୁଣ୍ଡାଇ ଥାନା ନୀଳକଣ୍ଠପୁର ଗ୍ରାମର ରବିନ୍ଦ୍ର ସାହୁଙ୍କ ୩୧ ବର୍ଷିୟ ପୁଅ ସନ୍ତୋଷ ଗତ ୯ ବର୍ଷ ଧରି କର୍ମ ନିଯୁକ୍ତି ପାଇଁ ବାହାରକୁ ଯାଇ ନିଖୋଜ ଅଛନ୍ତି । କେବଳ ସନ୍ତୋଷ ନୁହନ୍ତି, ବହୁ ସଂଖ୍ୟାରେ ମହିଳା, ନାବାଳିକା, ଯୁବକ ନିଖୋଜ ଥିବା ସଂକ୍ରାନ୍ତରେ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲାରୁ ସ୍ପଷ୍ଟ ହୋଇଛି । ଏଥିରୁ ଜିଲାରେ ମାନବ ଚୋରାଚାଲାଣ କରାଯାଉଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି । ସେହିପରି ଗତ ୪ ବର୍ଷର ହିସାବକୁ ନେଲେ ଜିଲାରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କ ନିର୍ଯାତନା ଖବର ଶୁଣିବାକୁ ମିଳିଛି । କର୍ମନିଯୁକ୍ତି ପାଇଁ ପ୍ରଶାସକ ଓ ରାଜନେତାଙ୍କ ମିଳିତ ପ୍ରୟାସ ଆବଶ୍ୟକ । ତେବେ ଏହି ଜିଲାରେ ସେମାନଙ୍କ ସମନ୍ୱୟର ଅଭାବ ଅଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି ।

ଏ ସମ୍ପର୍କରେ ଏଡିଏମ୍ ପିତାମ୍ବର ସାମଲ କହିଛନ୍ତି, ଜିଲାରେ କର୍ମନିଯୁକ୍ତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ଜିଲାର ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ ନିକଟରେ ଶିଳ୍ପ କରିଡର ପାଇଁ ଜମି ଚିହ୍ନଟ କରାଯାଇଛି ।

# କବିତାରେ ବିପ୍ଳବ ଆଣିଥିଲେ ଉତ୍କଳଭାରତୀ କୁନ୍ତଳାକୁମାରୀ

କେନ୍ଦ୍ରାପଡ଼ା ଅଫିସ, ୮।୨

କେନ୍ଦ୍ରାପଡ଼ା ସହରର ତିନିମୁହାଣୀ ଠାରେ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୨ତମ ଜନ୍ମତିଥି ବୁଧବାର ପାଳିତ ହୋଇଯାଇଛି । କୁନ୍ତଳା କୁମାରୀ ସାବତ ପ୍ରତିଭା ପୂଜା ସମିତି ସଭାପତି କୁଞ୍ଜବିହାରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ବିଜୟ ମହାପାତ୍ର ଯୋଗ ଦେଇଥିଲେ । ଏହି ଅବସରରେ ସେ କହିଛନ୍ତି, ଦେଶ ସ୍ୱାଧିନତା ସମୟରେ ଉତ୍କଳଭାରତୀଙ୍କ କବିତା ଏକ ବୈପ୍ଳବିକ ଚେତନା ସୃଷ୍ଟି କରିଥିଲା । ସୌଭାଗ୍ୟକ୍ରମେ ସେ କେନ୍ଦ୍ରାପଡ଼ାରେ ବିବାହ କରିଥିଲେ । ଏହି ଅବସରରେ ବିଶିଷ୍ଟ ପ୍ରବଚକ ତଥା ଶିକ୍ଷାବିତ୍ ମାସଭୂଷଣ ହୃଷିକେଶ ରଥ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଡ. ବାସୁଦେବ ଦାସ, କବି ମନ୍ମଥ ବରାଳ, ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ ଯୋଗ ଦେଇଥିଲେ । ଅତିଥିମାନେ ଉତ୍କଳଭାରତୀଙ୍କ ସମାଜ ପ୍ରତି ଅବଦାନ ସମ୍ପର୍କରେ ମତ ରଖିଥିଲେ । ଏହି ଅବସରରେ ସମିତି ପକ୍ଷରୁ ଜିଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ହେମନ୍ତ ଜେନାଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

# ସିପିଆଇଏମ୍ଏଲ୍ ପକ୍ଷରୁ ବଲୁରିଆ ପଞ୍ଚାୟତ ଅଫିସ ଘେରାଉ

ପଟ୍ଟାମୁଣ୍ଡାଇ,୮।୨(ସ୍ୱ.ପ୍ର.)



ସିପି ଆଇଏମଏଲ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ପାତର ଅନ୍ତର, ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ଯୋଗାଇବା, ଜବ୍‌କାର୍ଡ ଯୋଗେ ଶ୍ରମିକମାନଙ୍କୁ କାମ ଯୋଗାଇବା ଆଦି ବିଭିନ୍ନ ଦାବି ନେଇ ସିପିଆଇଏମଏଲ ଜିଲା ଓ ପଟ୍ଟାମୁଣ୍ଡାଇ ଆଞ୍ଚଳିକ କମିଟି ପକ୍ଷରୁ ବଲୁରିଆ ପଞ୍ଚାୟତ ଅଫିସ ଘେରାଉ କରାଯାଇଥିଲା । ସିପିଆଇଏମଏଲ ନେତା ସଞ୍ଜୀବ ରାଉତ ପୌରୋହିତ୍ୟ କରିଥିଲେ । କେନ୍ଦ୍ରାପଡ଼ା ଜିଲା ସମ୍ପାଦକ ବିଧାନ ଦାସ, ହିମାଦ୍ରୀ ଦାସ, ବିଶ୍ୱଜିତ ରାଉତ, ବିଦ୍ୟାଧର ଜେନା, ଗୀତାଞ୍ଜଳି ମଳିକ, ଉମେଶ ସାମଲ, ପତିତପାବନ ମହାନ୍ତି, ସୁଧୀର ମଳିକ, ମହେନ୍ଦ୍ର ସୂତାର, ଅଶୋକ ସେଠୀ, ସଞ୍ଜୀବ ମଳିକ ପ୍ରମୁଖ ଭାଷଣ ଦେଇ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନନ୍ତ ବିଶ୍ୱାଳ ଘେରାଉସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ଦାବିପତ୍ର ଗ୍ରହଣ କରି ଏ ଦିଗରେ ବିଡିଓଙ୍କ ସହିତ ଆଲୋଚନା କରି ଆଇନଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ୧୦ରେ ଡେରାବିଶ ମହିଳା ଉଚ୍ଚ ବିଦ୍ୟାଳୟରେ ହାକାଥନ

ଡେରାବିଶ, ୮।୨(ସ୍ୱ.ପ୍ର.): ଆସନ୍ତା ୧୦ ତାରିଖରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ମହିଳା ଉଚ୍ଚବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ହାକାଥନ ଅନୁଷ୍ଠିତ ହେବ । ଏଥିରେ ଓଡ଼ିଆ ଇଂଲିଶ ଭାଷାରେ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ହେବ। ସେହିପରି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଜସ୍ୱ ପ୍ରକଳ୍ପ, ଆପ୍ ସମ୍ପର୍କିୟ, ଅନୁସନ୍ଧାନମୂଳକ ଆଦି ପ୍ରକଳ୍ପ ପ୍ରଦର୍ଶନ ହେବ । ନିକଟସ୍ଥ ଶିକ୍ଷାର୍ଥୀମାନେ ଏଥିରେ ଭାଗ ନେବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପଟ୍ଟାମୁଣ୍ଡାଇ ସରକାରୀ ବସ୍‌ଷ୍ଟାଣ୍ଡ ପୁନଃ ନିର୍ମାଣ ହେବ



ପୌର ପରିଷଦ ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ।

**ପୌର ପରିଷଦ ବୈଠକ**
- ଗୋଶାଳା,ପାଠାଗାର ନିର୍ମାଣ ପାଇଁ ନିଷ୍ପତ୍ତି

ପଟ୍ଟାମୁଣ୍ଡାଇ,୮।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌର ପରିଷଦର ସ୍ୱତନ୍ତ୍ର ଅଧିବେଶନ ପରିଷଦର ସମ୍ମିଳନୀ କକ୍ଷରେ ପୌର ଅଧକ୍ଷ ହେମନ୍ତ ସାହୁଙ୍କ ପୌରୋହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ କହିଲେ ସମଗ୍ର ଓଡ଼ିଶାରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ସ୍ୱତନ୍ତ୍ର ପରିଚୟ ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ପୌର ପରିଷଦର ବିକାଶ ପାଇଁ ଅନେକ କୋଟି ଟଙ୍କା ବ୍ୟୟରେ ଏକାଧିକ ବୃହତ୍ ପ୍ରକଳ୍ପ ହାତକୁ ନିଆଯାଇଛି। ଏ ଦିଗରେ ସମସ୍ତେ ସହଯୋଗର ହାତ ବଢ଼ାଇଲେ ପୌର ପରିଷଦର ମାନଚିତ୍ର ସମ୍ପୂର୍ଣ୍ଣ ବଦଳି ଯିବ । ଏଇ ଅବସରରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଚିଠା ବଜେଟ ପ୍ରସ୍ତାବ ଆଗତ କରାଯାଇଥିଲା । ଏହା ପରେ ପୌର ପରିଷଦର ୫ମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ପୌର ପରିଷଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷତଃ ବିଭିନ୍ନ ୱାର୍ଡର ରାସ୍ତାଘାଟ ମରାମତି ଓ ପୁନଃନିର୍ମାଣ, ଡ୍ରେନ ଓ କଲଭର୍ଟ ନିର୍ମାଣ, ପାନୀୟଜଳ,ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା,ପରିମଳ,ମହିଳା ଓ ଶିଶୁ ବିକାଶ,ସାଧାରଣ ବଣ୍ଟନ, ରାଶନକାର୍ଡ, ଭତ୍ତା,ଆବାସ, ଉଠା ଦୋକାନୀ ସମସ୍ୟା ଆଦି ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କାଉନସିଲରମାନେ ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ସମ୍ପର୍କରେ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରି ଅବିଳମ୍ବେ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ ।

ବିଧାୟକ ସାହୁ ଅଧାପନ୍ତରିଆ ଭାବେ ପଡି ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବା ସହିତ ନୂତନ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ପ୍ରକଳ୍ପରେ ସ୍ୱଚ୍ଛତା ବଜାୟ ରଖି କାର୍ଯକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧା ପାଇଁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସରକାରୀ ବସଷ୍ଟାଣ୍ଡ ପୁନଃ ନିର୍ମାଣ, ପାଠକୀୟ ଚେତନା ଅଭିବୃଦ୍ଧି ପାଇଁ ପାଠାଗାର ନିର୍ମାଣ ଓ ସର୍ବୋପରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବୁଲା ଗାଈଗୋରୁଙ୍କୁ ନିୟନ୍ତ୍ରଣ କରିବା ପାଇଁ ତାତନାଠାରେ ଏକ ଗୋଶାଳା ନିର୍ମାଣ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ।

ବୈଠକରେ ପୌର ପରିଷଦ ସହକାରୀ ଯନ୍ତ୍ରୀ ଇଂ. ଜଳଧର ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ଅଶୋକ ଜେନା,ଅଙ୍ଗନୱାଡି ସୁପରଭାଇଜର ମୋନାଲି ଜେନା ଓ ଶୁଭାସିନୀ ନାୟକ,ଯୋଗାଣ ନୀରିକ୍ଷକ ମଧୁସ୍ମିତା ଜେଠୀ, ଜନସ୍ୱାସ୍ଥ୍ୟ ବିଭାଗ ସହସହକାରୀ ଯନ୍ତ୍ରୀ ସୁଦାମ ସାହୁ, ସହସହକାରୀ ଯନ୍ତ୍ରୀ ସୁଶୀଲ ବେହେରା, କର୍ଣ୍ଣୁଷ ବ୍ରହ୍ମା, ସଂଘମିତ୍ରା ଦାସ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ବୈଠକକୁ ପୌରପରିଷଦର ସତ୍ୟାନନ୍ଦ ସାହୁ, ସରୋଜ ପଣ୍ଡା,ରାଜକିଶୋର ଦାସ, ପ୍ରଫୁଲ୍ଲ ଦାଶ, ହୃଷିକେଶ ନାଥ ପ୍ରମୁଖ ପରିଚାଳନା କରିଥିଲେ ।

# ନାବାଳିକାଙ୍କ ମୃତ୍ୟୁ ସହାୟତା ରାଶିକୁ ନେଇ ବିବାଦ

ରାଜନଗର,୮।୨(ଡି.ଏନ.ଏ.)



ଧାରଣାରେ ବସିଥିବା ରଞ୍ଜନ ମଇ ଓ ତାଙ୍କ ପରିବାର ସଦସ୍ୟ ।

**ଅନଶନରେ ବସିଲେ ପ୍ରକୃତ ମାଆ,ବାପା**

ମାମୁ ଘରକୁ ବୁଲି ଆସିଥିବା ବେଳେ ପୋଖରୀରେ ବୁଡି ଜଣେ ନାବାଳିକାଙ୍କ ଗତବର୍ଷ ମୃତ୍ୟୁ ଘଟିଥିଲା । ଏବେ ତାଙ୍କ ନାମରେ ଆସିଥିବା ମୃତ୍ୟୁକାଳୀନ ସରକାରୀ ସହାୟତା ରାଶିକୁ ନେଇ ବିବାଦ ସୃଷ୍ଟି ହୋଇଛି । ପାଳିତ ମାଆ,ବାପା ଏବଂ ଜନ୍ମ କଲା ମାଆ,ବାପା ସେହି ସହାୟତା ରାଶି ଉତ୍ତରାଧୀକାର ସୂତ୍ରରେ ପାଇବାକୁ ହକଦାର ବୋଲି ଦାବି କରିଛନ୍ତି । ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି ।

୨୦୨୨ ମାର୍ଚ୍ଚ ୧୦ ତାରିଖରେ ଘଟଣା । ଆଳି ଥାନା ଅନ୍ତର୍ଗତ ଗୋପାଳଜୀଉ ପାଟଣା ଗାଁର ନମିତା ଦାସ (୧୬)ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ଗ୍ରାମରେ ଥିବା ମାମୁ ଘରକୁ ବୁଲିବାକୁ ଆସିଥିଲେ । ହେଲେ ସେଦିନ ସେ ପୋଖରୀରେ ସ୍ନାନ କରୁଥିବା ବେଳେ ବୁଡି ପ୍ରାଣ ହରାଇଥିଲେ । ନମିତାଙ୍କ ମୃତ୍ୟୁ ପରେ ସରକାରଙ୍କ ପକ୍ଷରୁ ୪ଲକ୍ଷ ଟଙ୍କାର ସହାୟତା ରାଶି ମିଳିବାକୁ ଅଛି । ଏ କଥା ଜଣାପଡିବା ପରେ ସହାୟତା ରାଶି ପାଇବା ପାଇଁ ଉତ୍ତରାଧିକାରୀଙ୍କ ମଧ୍ୟରେ ଲଢେଇ ଆରମ୍ଭ ହୋଇଛି । ବୁଧବାର ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଓସ୍ତିଆ ଗାଁର ରଞ୍ଜନ ମଇ ତାଙ୍କ ପରିବାର ସହ ଅନଶନରେ ବସି ମୃତ୍ୟୁ ସାର୍ଟିଫିକେଟ ଦାବି କରିଛନ୍ତି । ସୂଚନାଯୋଗ୍ୟ, ନମିତା ୨୦୦୬ ଜୁନ୍ ୧୪ରେ ଜନ୍ମ ଗ୍ରହଣ କରିଥିଲେ । ଜନ୍ମ ପ୍ରମାଣପତ୍ରରେ ତାଙ୍କ ନାମ ରୂପାଲି ମଇ ପିତା ରଞ୍ଜନ କୁମାର ମଇ ରହିଛି । ମାତ୍ର ରୂପାଲିଙ୍କ ଜନ୍ମ ପରେ ତାଙ୍କୁ ପିଉସୀ ଝିଅ କରି ନେଇଥିଲେ । ରୂପାଲି ବଡ଼ ହେବା ପରେ ଗୋପାଳଜୀଉପାଟଣା ବିଦ୍ୟାଳୟରେ ପାଳିତ ମାତା ପିତା ତାଙ୍କ ନାମ ନମିତା ଦାସ ପିତା ରତ୍ନାକର ଦାସ ଏବଂ ମାଆ ମମତା ଦାସ ଲେଖି ନାମ ଲେଖାଇଥିଲେ । ସେଥିପାଇଁ ବିଦ୍ୟାଳୟ ସାର୍ଟିଫିକେଟ ଓ ଆଧାରକାର୍ଡରେ ରୂପାଲିଙ୍କ ନାମ ନମିତା ଦାସ ରହିଛି । ପୋଲିସ ରିପୋର୍ଟରେ ବି ନମିତା ଦାସ ପିତା ରତ୍ନାକର ଦାସ ରହିଛି । ଏହାକୁ ନେଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରୂପାଲି ମଇ ନାମରେ ମୃତ୍ୟୁ ସାର୍ଟିଫିକେଟ ଦେବା ସମ୍ଭବ ହୋଇପାରିନି । ଏହାକୁ ନେଇ ବୁଧବାର ରଞ୍ଜନ କୁମାର ମଇ, ସ୍ତ୍ରୀ ଏବଂ ତାଙ୍କ ୨ ପିଲାଙ୍କ ସହ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରେ ମୃତ୍ୟୁ ସାର୍ଟିଫିକେଟ ଦାବି କରି ଅନଶନରେ ବସିଥିଲେ । ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଲା ତାଙ୍କ ସହ ଆଲୋଚନା କରିବା ପରେ ସେ ଅନଶନରୁ ଉଠିଛନ୍ତି । ଏହାକୁ ନେଇ ଏଠାରେ ଚର୍ଚ୍ଚା ଜୋର ଧରିଛି ।

# ବେତା କ୍ରିକେଟ୍ ଟିମ୍ ବିଜୟୀ



ଅତିଥିଙ୍କ ଗହଣରେ ୨ ଦଳର ଖେଳାଳି ।

**ରିଆସତ ଖାଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ଆଳି,୮।୨(ଡି.ଏନ.ଏ.)

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତର ଗୋପ-ପଦନପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ତୃତୀୟ ରିଆସତ ଖାଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ ମ୍ୟାଚ୍ ବେତା କ୍ରିକେଟ କ୍ଲବ ଓ ଚଣ୍ଡିଆଗଡି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଚଣ୍ଡିଆଗଡି ଟିମ୍ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୭ଟି ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା । ଏହାର ଜବାବ୍‌ରେ ବେତା ଟିମ ୭ ଓଭରରେ ୩ ଉଇକେଟ ହରାଇ ୭୨ ରନ କରି ବିଜୟ ଲାଭ କରିଥିଲେ । ଏହି ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଗାଳ୍ପିକ ବନମାଳୀ ସେନାପତି ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମିର୍ଜା ଆଲିମ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିବା ସହିତ ମ୍ୟାନ ଅଫ ଦ ମ୍ୟାଚ ହୋଇଥିବା ବିକାଶ ନାୟକଙ୍କୁ ପୁରସ୍କୃତ କରିଥିଲେ । ଅମ୍ପାୟାର ଭାବେ ସେକ ମୁସ୍ତାଫିଜ ଓ ସେକ ସିଗାତୁଲା ଉପସ୍ଥିତ ଥିଲେ । ଟୁର୍ନାମେଣ୍ଟକୁ ଗୋପ -ପଦନପୁର କ୍ରିକେଟ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ ।

# ଅବ୍ୟବସ୍ଥା ମଧ୍ୟରେ ଶେଷ ହେଲା ପାଣି ପଞ୍ଚାୟତ ପକ୍ଷ

ଡେରାବିଶ,୮।୨(ସ୍ୱ.ପ୍ର)




**ସମାବେଶରେ ଯୋଗଦେଲେନି ମନ୍ତ୍ରୀ, ବିଧାୟକ**
**କର୍ମକର୍ତ୍ତାଙ୍କ ସଭାସ୍ଥଳରେ ଧାରଣା**

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଛତାସ୍ଥିତ ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ପିତାମ୍ବର ସାମଲ ଅଧକ୍ଷତା କରି ଚଷୀ ଓ ଚାଷର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି କଲ୍ୟାଣକାରୀ ଯୋଜନାକୁ ଆହୁରି ଗତିଶୀଳ କରିବା ଓ ଜଳ ସମ୍ପଦର ସୁପରିଚାଳନା ପାଇଁ ସରକାର ବହୁବିଧ ଯୋଜନା କରିଛନ୍ତି ବୋଲି କହିଥିଲେ। ମୁଖ୍ୟଅତିଥି ସାହୁ ନିଜ ବକ୍ତବ୍ୟରେ ଜାତୀୟସ୍ତରରେ ଓଡ଼ିଶା କୃଷି କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା କହିଥିଲେ । ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ପଦକ୍ଷେପ ଓ ପାଣି ପଞ୍ଚାୟତର ସହଯୋଗ ପାଇଁ ସମ୍ଭବ ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ନିରଞ୍ଜନ ବେହେରା, କେନ୍ଦ୍ରାପଡ଼ା ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଳିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ଉପରେ ଆଲୋକପାତ କରିଥିଲେ। ଜଳସମ୍ପଦ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଦେବା ସହିତ ସମସ୍ତ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ସହଯୋଗରେ ଜଳସେଚନ ଓ ଚାଷ କାର୍ଯ୍ୟ କିପରି ଉନ୍ନତି ହେବ ସେ ଦିଗରେ ସେ ସବୁପ୍ରକାର ଉଦ୍ୟମ କରିବେ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କ ସମେତ ବିଭାଗୀୟ ଯନ୍ତ୍ରୀମାନେ ପରିଚାଳନା କରିଥିଲେ ।

**ନିମନ୍ତ୍ରିତ ଅତିଥି ଆସିଲେ ନାହିଁ**

ପାଣି ପଞ୍ଚାୟତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଶଶିଭୂଷଣ ବେହେରା, ସାବିତ୍ରୀ ଅଗ୍ରୱାଲ, ଧ୍ରୁବ ସାହୁଙ୍କୁ ନିମନ୍ତ୍ରିତ କରାଯାଇଥିଲା । ହେଲେ କେବଳ ଧ୍ରୁବ ସାହୁ ଯୋଗ ଦେଇଥିଲେ । ଜିଲାର ୨ମନ୍ତ୍ରୀ ଓ ୨ ବିଧାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ନ ଦେବାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ସଭାସ୍ଥଳରେ ଧାରଣା

ଅତିଥିମାନେ ସଭାମଞ୍ଚରେ ପହଞ୍ଚିବା ପୂର୍ବରୁ କେତେକ ପାଣିପଞ୍ଚାୟତ କର୍ମକର୍ତ୍ତା ବିଭିନ୍ନ ସମସ୍ୟା ନେଇ ସଭାସ୍ଥଳରେ ଧାରଣା ଦେବା ସମସ୍ତଙ୍କୁ ଚକିତ କରିଥିଲା । ପଟ୍ଟାମୁଣ୍ଡାଇ ବ୍ଲକ ବାସୁଦେବପୁର ପାଣି ପଞ୍ଚାୟତ, ଅରାଖଣ୍ଡ ପାଣି ପଞ୍ଚାୟତ, ଡେରାବିଶ ବ୍ଲକର ମା'ବାସନ୍ତୀ ଦୁର୍ଗା ପାଣି ପଞ୍ଚାୟତର କର୍ମକର୍ତ୍ତା ନିଜ ଅଞ୍ଚଳର ପାଣି ପଞ୍ଚାୟତକୁ ଉପେକ୍ଷା କରାଯିବା ଓ କେନାଲ୍ କାମ ପାଇଁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ମଧୁଚନ୍ଦ୍ରିକା, ନିମ୍ନମାନର କାର୍ଯ୍ୟ, ପାଣି ପଞ୍ଚାୟତ ପକ୍ଷକୁ ସୂଚନା ନ ଦେବା ଇତ୍ୟାଦି ସମସ୍ୟା ନେଇ ଧାରଣା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ସଭାସ୍ଥଳରେ ହାତଗଣତି କେତେଜଣ ଚାଷୀ ଉପସ୍ଥିତ ଥିବା ବେଳେ ଚେୟାରଗୁଡ଼ିକ ସମ୍ପୂର୍ଣ୍ଣ ଫାଙ୍କା ପଡିଥିବା ଦେଖିବାକୁ ମିଳିଥିଲା । ଆଜିର ଏହି ଅବ୍ୟବସ୍ଥା ପାଇଁ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ । କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା କରୁଥିବା ବେଳେ ଏହି କାର୍ଯ୍ୟକ୍ରମକୁ ବିଭାଗୀୟସ୍ତରରେ ହେୟଜ୍ଞାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୯ ଫେବୃଆରୀ, ୨୦୨୩



## ସଂକ୍ଷେପରେ

### କ୍ଷତିପୂରଣ ପାଇଁ ଜାତୀୟ ମାନବାଧିକାର କମିଶନରଙ୍କୁ ଫେରାଦ
#### କମ୍ପ୍ରେସର ଫାଟି ୨ ମୃତ ଘଟଣା

**ନୟାଗଡ଼ ଅଫିସ,୮।୨:** ନୟାଗଡ ଜିଲା ଇଟାମାଟି ଥାନା ସୁନାଲଟି ନିକଟରେ ଗତ ୪ତାରିଖ ଶନିବାର ସନ୍ଧ୍ୟାରେ ଗ୍ୟାସ ପାଇପ ଲାଇନ୍ କାମ ଚାଲିଥିବାବେଳେ କମ୍ପ୍ରେସର ଫାଟି ୨ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଓ ୩ଜଣ ଶ୍ରମିକ ଆହତ ଘଟଣାରେ ସଚେତନତା ନାଗରିକ ମଞ୍ଚ ପକ୍ଷରୁ ଜାତୀୟ ମାନବାଧିକାର କମିଶନରଙ୍କୁ ଫେରାଦ ହୋଇଛନ୍ତି । ମୃତକଙ୍କ ପରିବାରକୁ ସରକାର ୨୫ ଲକ୍ଷ ଓ ଆହତଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିବେଦନ କରାଯାଇଛି। କମ୍ପାନୀ ମ୍ୟାନେଜରଙ୍କ ଅବହେଳା ଯୋଗୁ ୨ଟି ଜୀବନ ଚାଲିଗଲା ବୋଲି କୁହାଯାଇଛି। ଏହି ଅଘଟଣର ସଠିକ୍ ତଦନ୍ତ କରିବାକୁ ଜିଲାପାଳ, ଜିଲା ଶ୍ରମ ଅଧିକାରୀ ଓ ଏସପିଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୂପ ଅନୁରୋଧ ରହିଛି ।

### ପୋଲିସ ଖୋଜୁଛି ମୃତଦେହ
#### ସନ୍ଦୀପଙ୍କୁ ଦୋଷ ଦେଇ ଆତ୍ମହତ୍ୟା

**ନୟାଗଡ଼ ଅଫିସ,୮।୨:** ନୟାଗଡ ସଦର ଥାନା ବାଙ୍କଶାଲୁଆ ଗାଁରେ ଆତ୍ମହତ୍ୟା କରିଥିବା ଜଣେ ଯୁବତୀଙ୍କ ମୃତଦେହକୁ ଗାଏବ କରାଯାଇଛି । ଯୁବତୀ ଜଣକ ବାଙ୍କଶାଲୁଆ ଗାଁରେ ଭଡାରେ ରହୁଥିଲେ । ଯୁବତୀଙ୍କ ମୃତଦେହକୁ ନିଜ ଘର ଶରଣକୁଳ ଥାନାର ପାଟୁଲିସାହି ଗାଁରେ ନେଇ ସତ୍କାର କରାଯାଇଛି। ତେବେ ଯୁବତୀ ଜଣକ ମୃତ୍ୟୁ ପୂର୍ବରୁ କାନ୍ଥରେ ଲେଖିଛନ୍ତି ମୁଁ କିଛି ଭୁଲ କରି ନାହିଁ । ସବୁ ସନ୍ଦୀପଙ୍କ ଦୋଷ । ପ୍ରଶ୍ନ ଉଠୁଛି ସନ୍ଦୀପ କିଏ। ମୃତ ଯୁବତୀ କାହିଁକି ସନ୍ଦୀପ ନାଁ ନେଇଛନ୍ତି । ଖବର ପାଇ ପୋଲିସ ବାଙ୍କଶାଲୁଆ ଗାଁରେ ପହଞ୍ଚି ତଦନ୍ତ କରିଛି । ହେଲେ ମୃତଦେହର ଟେର ପାଇନି । ଏନେଇ ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟ କୁହନ୍ତି ମୃତଦେହକୁ ଗାଏବ କରାଯିବ ଖବର ପାଇ ତଦନ୍ତ ହୋଇଥିଲା । ହେଲେ ଟେର ମିଳିନି ।

### ଅଭିଯୁକ୍ତ ଜେଲ ଗଲେ

**ନୟାଗଡ଼ ଅଫିସ,୮।୨:** ଶରଣକୁଳ ଥାନା ପୋଲିସ ହରିହରପୁର ପାଟଣାସାହିର ରାମଚନ୍ଦ୍ର ନାୟକ(୩୫) ନାମକ ଜଣେ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଚୋରକୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ରାମଚନ୍ଦ୍ର ଗତ ରବିବାର ଶରଣକୁଳ ବଜାରର ଏକ କୁକୁଡା ଦୋକାନ ଆଗରେ ଅଟୋ ରଖି ୧୨ଟି ବନରାଜ କୁକୁଡା, କେଜିପାଲ ସହ କିଛି ଉପକରଣ ଚୋରାଇ ନେଇଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୮/୨୩) ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

### ବାଇକ ଧକ୍କାରେ ଯୁବକ ମୃତ

**ନୟାଗଡ଼ ଅଫିସ,୮।୨:** ଗୋଡିପଡା ଫାଣ୍ଡି କୋମଣ୍ଡା ଗାଁରେ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସନ୍ତୋଷ ନାୟକ(୨୪) । ଘର କୋମଣ୍ଡା ଗାଁରେ । ସନ୍ତୋଷ ଘରକୁ ଗତ ଜାନୁୟାରୀ ୧୯ରେ ଫେରୁଥିବାବେଳେ ଗାଁ ମୁଣ୍ଡରେ ଦୁର୍ଘଟଣା ହୋଇଥିଲା । ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଏମ୍‌ସରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଦିନି ମୃତ୍ୟୁ ଘୋଷଣା କରିଥିଲେ ।

# ମାଲଖମ୍ବା, ଗୋଟିପୁଅ ନୃତ୍ୟ ଦର୍ଶକଙ୍କ ମନ ମୋହିଲା



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ଖଣ୍ଡପଡା,୮।୨(ସ୍ୱ.ପ୍ର.)**

## ମାଘ ମେଳା ମହୋତ୍ସବର ୩ୟ ସନ୍ଧ୍ୟା

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳା ପ୍ରଥମ ଦିନରୁ ଫିକା ଫିକା ଫିକା ଲାଗୁଥିଲା । ଜିଲା ପ୍ରଶାସନ ପକ୍ଷରୁ ପ୍ରଥମ କରି ମେଳା ପରିସରରେ ସ୍ୱତନ୍ତ୍ର ଭାବେ ଆୟୋଜିତ ମାଘମେଳା ମହୋତ୍ସବର ବୁଧବାର ଲୋକରଣ୍ୟ ହୋଇ ପଡିଥିଲା । ୩ୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲାର ମାଲଖମ୍ବା ନୃତ୍ୟ ଓ କେନ୍ଦ୍ରାପଡାର ଗୋଟିପୁଅ ନୃତ୍ୟ ଦେଖିବା ପାଇଁ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭିଡ ଜମାଇଥିଲେ ।

ବୁଧବାର ମାଘମେଳାର ୮ମ ଦିବସ ହୋଇଥିବା ବେଳେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଚାଲିଥିବା ମାଘମେଳା ମହୋତ୍ସବର ବୁଧବାର ୩ୟ ସନ୍ଧ୍ୟାରେ ଭିଜ ଜମିଥିଲା । ମହୋତ୍ସବ କମିଟିର ସଭାପତି ଖବରଦାତା ପ୍ରଭାକର ଶିରୋମଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ନୀଳମାଧବ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ ଓ ସମ୍ମାନୀତ ଅତିଥି ରୁପେ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ ଯୋଗଦେଇ ମହୋତ୍ସବ ସହିତ ନୀଳମାଧବଙ୍କର ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ସିଦ୍ଧାର୍ଥ ମହାପାତ୍ର ଓ ରାଜୀବ କୁମାର ସାହୁ ସଂଯୋଜନା କରିଥିଲେ । ଏତଦ୍ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଆସିଥିବା ପ୍ରତୀକ୍ଷା ଦାଶ ମହାପାତ୍ର ଓ ପ୍ରତ୍ୟାଷା ମହାପାତ୍ର ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ଥିବା ବେଳେ କୁମାର ଓମ୍ ପ୍ରକାଶ ତବଲା ସଂଯୋଜନା କରିଥିଲେ । କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପବିତ୍ର କୁମାର ମହାରଣା ନୃତ୍ୟ ସଂଯୋଜନା କରିଥିଲେ । ତେବେ ସୁଦୂର ମୟୁରଭଞ୍ଜ ଜିଲା କରଞ୍ଜିଆରୁ ଆସିଥିବା ଶ୍ରୀ ପଲ୍ଲାରୀ ମାଲଖମ୍ବା ନୃତ୍ୟ କୌଶଳ ଓ କେନ୍ଦ୍ରାପଡାର ଲକ୍ଷ୍ମୀପ୍ରିୟା ଗୋଟିପୁଅ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲେ ।

# ରବି ମେମୋରିଆଲ କ୍ରିକେଟ: ଫାଇନାଲରେ ରାକମା



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ଭାପୁର,୮।୨(ଡି.ଏନ୍.ଏ.)**

ଭାପୁର ବ୍ଲକ ଭାପୁର ମହୋତ୍ସବ ପଡ଼ିଆରେ ଚାଲିଥିବା ତୃତୀୟ ରବି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜିପୁର କ୍ରିକେଟ ଟିମ୍ ସହିତ ରାକମା କ୍ରିକେଟ ଟିମ୍‌ର ମୁକାବିଲା ହୋଇଥିଲା । ବିଜିପୁର ଟିମ୍ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ୧୬.୪ଓଭରରେ ସମସ୍ତ ଇଉକେଟ ହରାଇ ମାତ୍ର ୮୭ ରନ କରିଥିଲା । ଜବାବ୍‌ରେ ରାକମା ଟିମ୍ ୧୭ ଓଭର ଖେଳି ୪ ଇଉକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ବିଜୟୀ ଦଳର ଜୀବନ କୁମାର ବେହେରାଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଆଜିର ଖେଳକୁ ପରିଚାଳନା କରିଥିଲେ ମଧୁସୂଦନ ପ୍ରଧାନ ଓ ସିକୁନ ସାହୁ । ସ୍କୋର ସହାୟତା କରିଥିଲେ ଗଣେଶ୍ୱର ସାହୁ। ଧାରା ବିବରଣୀ ପ୍ରଦାନ କରିଥିଲେ ସ୍ମୃତିରଞ୍ଜନ ସାମନ୍ତରାୟ ଓ ପ୍ରୀତିବଲ୍ଲଭ ସାହୁ । ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ ଓ ସମ୍ମାନିତ ଅତିଥି ଭାବେ ସନ୍ତୋଷ ସାମନ୍ତରାୟ, ମାଧବ କୁମାର ଯୋଗଦେଇ ସମସ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଗୁରୁବାର ଦ୍ୱିତୀୟ ସେମିଫାଇନାଲରେ ଭାପୁର ଟିମ୍ ସହିତ ବରପୁଟ ଟିମ୍‌ର ମୁକାବିଲା ହେବ ବୋଲି ଆସୋସିଏଶନର ସଦସ୍ୟ ମିଥୁନ ଚକ୍ରବର୍ତ୍ତୀଙ୍କ ସୂଚନା ଦେଇଛନ୍ତି।

## ସ୍ମୃତିପୀଠ ପ୍ରତିଷ୍ଠା ଉତ୍ସବ

**ନୟାଗଡ଼ ଅଫିସ,୮।୨**

ଶବର ରାଜା ବିଶ୍ୱାବସୁ ଓ ଲଳିତା ଦେବୀଙ୍କ ସ୍ମୃତିପୀଠ ପ୍ରତିଷ୍ଠା ଉତ୍ସବ ଭାପୁର ବ୍ଲକର ମାନପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିପୀଠରେ ବିଶ୍ୱାବସୁ, ଲଳିତା ଦେବୀ ଓ ବିଦ୍ୟାପତି ସ୍ଥାପିତ ହୋଇଛନ୍ତି। ଏହି ଉତ୍ସବରେ ଭାପୁର ଓ ଖଣ୍ଡପଡାର ଶବର ସମ୍ପ୍ରଦାୟ ଲୋକମାନେ ଅଂଶ ଗ୍ରହଣ କରିଥିଲେ । ଆଦିବାସୀ ପୁରୁଷ ମହିଳା କଳଶ ଶୋଭାଯାତ୍ରା କରି କଣ୍ଟିଲୋ ନୀଳମାଧବ ମନ୍ଦିରରୁ ଧଣ୍ଡାମାଳ ଆଣି ମାନପୁରରେ ପହଞ୍ଚିଥିଲେ।

## ଗୁରୁଣ୍ଡି ଗୁରୁଣ୍ଡି ଯାଉଛନ୍ତି ମହିଳା

**ନୟାଗଡ଼ ଅଫିସ,୮।୨**

ନୟାଗଡ ସହର ଦେବୋତ୍ତର କଲୋନୀର ୫ମ ଲେନରେ ଜଣେ ଅଜଣା ମହିଳା ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଅର୍ଦ୍ଧଲଗ୍ନ ଅବସ୍ଥାରେ ଯାଉଛନ୍ତି । ଖାଇଲଣି, କୁଆଡେ ଯାଉଛ, ଠିକଣା କ'ଣ ପଚାରିଲେ ଉତ୍ତର ମିଳୁନି । କେବଳ ଗୁଣୁ ଗୁଣୁ ହୋଇ କ'ଣ କହୁଛନ୍ତି। ଏଭଳିଆ ମହିଳା ନୟାଗଡ଼ ପରି ସହରରେ ଘୁରି ବୁଲୁଥିଲେ ମଧ୍ୟ ପ୍ରଶାସନ ନାଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦୃଷ୍ଟିକୁ ଆସୁନି । ସଂପୃକ୍ତ ମହିଳାଙ୍କୁ ଅଣଦେଖା ନ କରି ଉପଯୁକ୍ତ ସେବା ଯୋଗାଇ ସୁସ୍ଥ କରାଯାଉ ବୋଲି ଅଞ୍ଚଳ ବାସିନ୍ଦା କହୁଛନ୍ତି ।

# ଅଙ୍ଗନୱାଡି କର୍ମୀଙ୍କ ସନ୍ଦେହଜନକ ମୃତ୍ୟୁ

**ନୟାଗଡ଼ ଅଫିସ,୮।୨**

ନୟାଗଡ଼ ବ୍ଲକ ଘଡୁଆଳ ୨ ନଂ. ସେଣ୍ଟରର ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ପଣ୍ଡା(୫୨) ନିଜ ଘର ଖଟରେ ହଠାତ୍ ଚେତ ହୋଇ ପଡିଥିଲେ । ଅଚେତର କାରଣ ଜଣାପଡି ନ ଥିଲେହେଁ ପଡ଼ିଶା ଘରର ଲୋକ ତୋରାଣୀ ନେବାକୁ ଆସିବା ପରେ ଏ ଘଟଣା ନଜରକୁ ଆସିଥିଲା । ସନ୍ଧ୍ୟାରାଣୀଙ୍କୁ ଡାକିବା ପରେ ସେ ଶୁଣି ନ ଥିଲେ । ଘରେ ଯାଇ ଦେଖିବାବେଳକୁ ଅଚେତ ହୋଇ ଖଟରେ ପଡି ରହିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଙ୍ଗନୱାଡି କର୍ମୀଙ୍କ ପୁଅ କଟକରେ ପଢୁଥିବାବେଳେ ସ୍ୱାମୀ କଟକ ଓଏସ୍ଆରଟିସିର ଚାକିରି କରିଛନ୍ତି । ଝିଅର ବାହାଘର ହୋଇ ସାରିଛି । ସନ୍ଧ୍ୟା ଏକୁଟିଆ ଘରେ ରହୁଥିଲେ ବୋଲି ଜଣାପଡିଛି । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ଫେରାଇଛି।

# ଟାକରା ହାଇସ୍କୁଲର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ଦଶପଲ୍ଲା,୮।୨(ଡି.ଏନ.ଏ.)**

ବୁଧବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରାଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ୭୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବରେ ଗାଳ୍ପିକ ହାଡିବନ୍ଧୁ ମହାଖୁଡ଼,ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଜିଲା ପରିଷଦ ସଭ୍ୟ ସତ୍ୟଭାମା ନାୟକ, ଟାକରା ସରପଞ୍ଚ ମଦନ କୁମାର ଜାନୀ, ସମିତିସଭ୍ୟ ପ୍ରଶାନ୍ତ କୁମାର ଦଳବେହେରା, ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ଆଚାର୍ଯ୍ୟ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସମୀର କୁମାର ସାହୁ,ତହସିଲଦାର ଶ୍ରୀକୁମାର ରଥ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ଆଚାର୍ଯ୍ୟ, ଆଲୁମିନା କମିଟି ସଭାପତି ପ୍ରଦୀପ କୁମାର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ନାଏକ ଉତ୍ସବରେ ସଭାପତିତ୍ୱ କରିଥିଲେ।

ବରିଷ୍ଠ ଶିକ୍ଷକ ଅନ୍ନଦା ପ୍ରସାଦ ଡାକୁଆ ସ୍ୱାଗତ ଭାଷଣ ଦେଇଥିବାବେଳେ ବାର୍ଷିକ ବିବରଣୀ ପଠନ କରିଥିଲେ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ସାହୁ । ଶେଷରେ ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ୬ଷ୍ଠରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ : କଟକ ବିଜୟୀ

**ଖଣ୍ଡପଡ଼ା,୮।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନିଷ୍ଟାଡିୟମ ପରିସରରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ ଜୁନିୟର ଏଫ୍‌ସି କଟକ ୧-୦ ଗୋଲରେ ଆଥଲେଟିକ କନ୍ଧମାଳ(ବୌଦ୍ଧ)କୁ ପରାସ୍ତ କରି ବିଜୟୀ ହୋଇଛି । ବ୍ରହ୍ମାନନ୍ଦ ଭୋଇ ଖେଳକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବରୁଣ ପ୍ରଧାନ ଓ ସୁବାସ ଚନ୍ଦ୍ର ବେହେରା । ୪ର୍ଥ ରେଫରୀ ଭାବେ ସୁଦୀପ ଦାଶ ଦାୟିତ୍ୱ ତୁଲାଇଥିଲେ । ଅତିଥି ରୁପେ ଡ.ପ୍ରଦୀପ କୁମାର ପାଇକରାୟ, ଡ.ରବିନ୍ଦ୍ର କୁମାର ସାହୁ, ଖଣ୍ଡପଡା ବ୍ଲକ ଏବିଓ ସୁବାସ ଚନ୍ଦ୍ର ସେଠୀ, ନିରୋଜ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡାବିତ୍ ମହେନ୍ଦ୍ର କୁମାର ବାରିକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁରୁବାର ପତାକା କ୍ଲବ ଅନୁଗୋଳ ଓ ସ୍ପୋର୍ଟସ ଏକାଡେମୀ ଖଣ୍ଡପଡା ମଧ୍ୟରେ ଶେଷ ମ୍ୟାଚ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ବିଶିଷ୍ଟ କ୍ରୀଡାବିତ୍ ଭିକାରୀ ଖଣ୍ଡାୟତ ସୂଚନା ପ୍ରଦାନ କରିଛନ୍ତି ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

**ପାରଳାଖେମୁଣ୍ଡି, ୮।୨ (ଡି.ଏନ୍.ଏ):** ଜଳ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଜଳ ସମ୍ପଦ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗାୱରା ତିରୁପତି ରାଓ, ସ୍ୱତନ୍ତ୍ର ସଚିବ ବିଶ୍ୱଜିତ ବିଶାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ବେହେରା, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଗିରିଶ କୁମାର ମହାନ୍ତି, ଜଳଛାୟା ଏବଂ ମୃର୍ତ୍ତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ କୁମାର ପଟ୍ଟନାୟକ ଓ ଉପ ଉଦ୍ୟାନ ନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ ମଞ୍ଚାସୀନ ଥିଲେ। ଜିଲାରେ ଜଳ ପରିଚାଳନା କ୍ଷେତ୍ରରେ ପାଣି ପଞ୍ଚାୟତ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସହଭାଗୀ ଜଳସେଚନ ମାଧ୍ୟମରେ ତୃଣମୂଳସ୍ତରରେ ଜଳର ଉପଲବ୍ଧତାରେ ଗୁଣାତ୍ମକ ମାନ ବୃଦ୍ଧି ଆଦି ପରିପ୍ରେକ୍ଷୀରେ ଏହି ପାଣି ପଞ୍ଚାୟତ ପକ୍ଷପାଳନ କରାଯାଉଛି। ଜିଲାର ସମସ୍ତ ବ୍ଲକରେ ରଥ ବୁଲି ଜନସାଧାରଣଙ୍କୁ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ବାର୍ତ୍ତା ନେଇ ସଚେତନତା ରଥ ପରିକ୍ରମା କରିଥିଲା। କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ୧୪୪ଟି ଏବଂ ଉଠା ଜଳସେଚନ ପ୍ରଭାଗ ଅଧୀନରେ ଥିବା ୪୧୪ଟି ପାଣିପଞ୍ଚାୟତର କାର୍ଯ୍ୟକାରୀ ହେଉଛି। ଏହି ଅବସରରେ ସମସ୍ତ ଅତିଥି ବୃନ୍ଦ ପାଣି ପଞ୍ଚାୟତର ଭୂମିକା ଓ ଏହାର ସୁପରିଚାଳନା ନିମନ୍ତେ ଉପସ୍ଥିତ ଥିବା ବିଭିନ୍ନ ପାଣି ପଞ୍ଚାୟତର କୃଷକମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ବିଭାଗ ଯଥା ପ୍ରାଣୀ ଚିକିତ୍ସା, କୃଷି, ଉଦ୍ୟାନ, ଜଳଛାୟା, ମତ୍ସ୍ୟ ସମ୍ପଦ, ମିଶନଶକ୍ତି ତଥା ଜଳସମ୍ପଦ ବିଭାଗ ଦ୍ୱାରା ପ୍ରଦର୍ଶିତ କରାଯାଇଥିବା ବିଭିନ୍ନ କାର୍ଯ୍ୟାନ୍ୱୟନର ମାର୍ଜିତ ରୂପରେଖ ଜନସାଧାରଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡିଆ ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଏବଂ ଓଡିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ୫୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ, ୮।୨**

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ବଢିଚାଲିଛି। ଖୋର୍ଦ୍ଧାର ୧୬ନଂ. ଜାତୀୟ ରାଜପଥ ଅନ୍ତର୍ଗତ ତୋଟାପଡ଼ା ଛକରୁ ପୋଲିସ ୫୬୦ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୬ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏହି ଘଟଣାରେ ଗୋଟିଏ ପରିବାରର ମା, ବାପା, ପୁଅ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ସୁଷମା ମଲିକ (୩୬), ସ୍ୱାମୀ ଶିବ ମଲିକ (୪୨), ପୁଅ ଜୟପ୍ରକାଶ ମଲିକ ଓରଫ ବାଲିଆ (୨୧) ଏବଂ ନୟାଗଡ଼ ଜିଲା ରଣପୁର ଅଞ୍ଚଳର ପ୍ରତାପ କୁମାର ମହାପାତ୍ର (୩୩)। ଏମାନଙ୍କଠାରୁ ଗୋଟିଏ ଅଟୋ (ନଂ. ଓଡି-୦୨-ବିକେ-୨୦୯୮) ଜବତ ହୋଇଛି। ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ବ୍ରାଉନସୁଗାର ନୟାଗଡ଼ରୁ ଖୋର୍ଦ୍ଧା ଅଣାଯାଉଥିଲା ବୋଲି ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି। ଏହି ଅବସରରେ ଅତିରିକ୍ତ ଏସ୍‌ପି ଏସ୍.ଏନ୍. ମୁର୍ମୁ, ସଦର ଡିଏସ୍‌ପି ଦିଲୀପ ଦାସ, ଥାନାଧିକାରୀ ତାରିକ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଉଛନ୍ତି।

ଏସ୍‌ପି କହିଛନ୍ତି, ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ନୟାଗଡ଼ ପଟୁ ଏକ ଅଟୋରେ ୪ଜଣ ବ୍ରାଉନସୁଗାର ଧରି ଖୋର୍ଦ୍ଧା ଆଡ଼କୁ ଆସୁଥିବା ନେଇ ଖବର ମିଳିଥିଲା। ଏହା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସ ଓ ଥାନାଧିକାରୀ ତାରିକ ଅହମ୍ମଦଙ୍କ ନେତୃତ୍ୱରେ ଏସ୍‌ଆଇ ସୁକାନ୍ତ ଦଳାଇ, ସସ୍ମିତା ବେହେରା, ହାବିଲଦାର ବି.କେ. ପ୍ରତାପସିଂ, କନଷ୍ଟେବଲ ପି.କେ. ହରିଚନ୍ଦନ, ଏ.ଏମ୍. ଖାନଙ୍କୁ ନେଇ ଗଠିତ ଏକ ଟିମ୍ ତୋଟାପଡ଼ା ଛକ ନିକଟରେ ସାଦା ପୋଷାକରେ ପୂର୍ବରୁ ଛକି ରହିଥିଲେ। ସମ୍ପୃକ୍ତ ଅଟୋ ଉପରେ ସନ୍ଦେହ ହେବାରୁ ତାହାକୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୫୬୦ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ପୋଲିସ ସମ୍ପୃକ୍ତ ୪ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା। ନୟାଗଡ଼ରୁ ବ୍ରାଉନସୁଗାର ଆଣି ବିକ୍ରି ଲାଗି ଖୋର୍ଦ୍ଧା ଆସୁଥିବା ଜେରା ବେଳେ ସେମାନେ ସ୍ୱୀକାର କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଦଫା ୨୧(ସି)/୨୯ରେ ଏକ ମାମଲା (ନଂ. ୮୬/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ବ୍ରାଉନସୁଗାର କାରବାର ଧୀରେ ଧୀରେ ଖୋର୍ଦ୍ଧା ଅଞ୍ଚଳରେ କାୟା ବିସ୍ତାର କରିଚାଲିଛି।

**ଅଟୋ ଜବତ**

- ଗୋଟିଏ ପରିବାରର ୩ଜଣଙ୍କ ସମେତ ୪ ଗିରଫ
- ବିକ୍ରି ପାଇଁ ନୟାଗଡ଼ରୁ ଖୋର୍ଦ୍ଧାକୁ ଆସୁଥିଲେ

## ପରାମର୍ଶ ପାଇଁ ଏସ୍‌ପି ଦେଲେ ସିୟୁଜି ନମ୍ବର

ଏସ୍‌ପି କଟାରିଆ କହିଛନ୍ତି, ଖୋର୍ଦ୍ଧାକୁ ନିଶାମୁକ୍ତ କରିବା ଲାଗି ସ୍ୱତନ୍ତ୍ର ଡ୍ରାଇଭ ଚାଲିଛି। ସମସ୍ତ ଥାନାଧିକାରୀଙ୍କୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ତେବେ ବ୍ରାଉନସୁଗାର କାରବାରରେ ମହିଳା ଓ ଯୁବକଙ୍କ ସମ୍ପୃକ୍ତିକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏସ୍‌ପି କହିଛନ୍ତି, ଯୁବ ସମାଜ ହିଁ ଦେଶର ଭବିଷ୍ୟତ। ଥରେ ନିଶାବଳୟରେ ଫସିଗଲେ, ବାହାରିବା କଷ୍ଟକର। ଏପରିକି କ୍ୟାରିୟର ନଷ୍ଟ ହୋଇଯିବ। ଯେଉଁମାନେ ଏଥିରୁ ମୁକୁଳିବାକୁ ଚାହୁଁଛନ୍ତି ମୋ' ସହିତ ସିଧାସଳଖ ଅଥବା ଏସ୍‌ପିଙ୍କ ସିୟୁଜି ନମ୍ବରରେ ଯୋଗାଯୋଗ କରିପାରିବେ। ମନସ୍ତତ୍ୱବିତ୍‌ଙ୍କ ଦ୍ୱାରା ଉପଯୁକ୍ତ ପରାମର୍ଶର ବ୍ୟବସ୍ଥା କରାଯିବ। ଏଥିଲାଗି ଭୟ କରିବାର ଆବଶ୍ୟକତା ନାହିଁ। ଏହା ସମ୍ପୂର୍ଣ୍ଣ ଭାବେ ଗୁପ୍ତ ରଖାଯିବ। ଯୁବକମାନେ ନିଶା କାରବାରରେ ସମ୍ପୃକ୍ତ ହୋଇ ଜୀବନ ନଷ୍ଟ କରିବା ଅପେକ୍ଷା ଉଜ୍ଜ୍ୱଳ ଭବିଷ୍ୟତ ସହ ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରିବାକୁ ଏସ୍‌ପି କଟାରିଆ ପରାମର୍ଶ ଦେଇଛନ୍ତି।

# ନିର୍ବନ୍ଧ ପାଇଁ ଯାଉଥିବା ବେଳେ ଡଙ୍ଗା ବୁଡ଼ିଲା

## ଅଳ୍ପକେ ରକ୍ଷା ପାଇଲେ ୩୦ ଯାତ୍ରୀ

ରାଜନଗର/ଆଳି,୮।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ କେରେଡ଼ାଗଡ଼ର ଜଣେ ଯୁବକଙ୍କ ନିର୍ବନ୍ଧ ପାଇଁ ପରିବାର ସଦସ୍ୟଙ୍କ ସହିତ କୁଣିଆମାନେ ଏକ ଡଙ୍ଗାରେ କନ୍ୟା ଘରକୁ ଯାଉଥିଲେ । ହେଲେ ଡଙ୍ଗାଟି କୂଳରେ ପହଞ୍ଚିବାକୁ ଅଳ୍ପ ବାଟ ପୂର୍ବରୁ ଭାରସାମ୍ୟ ହରାଇ ହଠାତ୍ ବୁଡ଼ି ଯାଇଥିଲା । ଉକ୍ତ ଡଙ୍ଗାରେ ଥିବା ପ୍ରାୟ ୩୦ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ବୁଧବାର ବ୍ରାହ୍ମଣୀ ନଦୀ କୂଳରେ ଏହି ଅଭାବନୀୟ ଘଟଣା ଘଟିଛି ।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କେରେଡାଗଡ଼ର ରବିନ୍ଦ୍ର ଦଳାଇଙ୍କ ଭାଇଙ୍କ ନିର୍ବନ୍ଧ ପାଇଁ ପରିବାର ସଦସ୍ୟ ଓ କୁଣିଆମାନେ ଏକ ଡଙ୍ଗାରେ ଆଳି ବ୍ଲକ୍ ନଳପାହି ଗାଁକୁ ଆସୁଥିଲେ । ହେଲେ ଭୁଟୁଭୁଟି ଡଙ୍ଗାଟି କୂଳଠାରୁ ଅଳ୍ପ ଦୂରରେ ହଠାତ୍ ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଯାତ୍ରୀମାନେ ଉପସ୍ଥିତ ବୃଦ୍ଧି ଖଟାଇ ନଦୀକୁ ଡେଇଁ ପଡି ପହଁରି ପହଁରି କୂଳକୁ ଆସିଥିଲେ । ସମସ୍ତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ହେଲେ ଡଙ୍ଗାରେ ଥିବା ୫ ମୋଟରସାଇକେଲ ନଦୀରେ ବୁଡି ଯାଇଥିଲା । ପରେ ସେହି ଗାଡ଼ିଗୁଡିକୁ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ଉକ୍ତ ଯାତ୍ରୀମାନେ କେହି ଲାଇଫ୍ ଜ୍ୟାକେଟ୍ ପିନ୍ଧି ନ ଥିଲେ । ଅନ୍ୟପକ୍ଷେ ବ୍ରାହ୍ମଣୀ ନଦୀରେ କୁମ୍ଭୀର ରହୁଥିବାରୁ ଯାତ୍ରୀମାନଙ୍କୁ ବହୁ କଷ୍ଟରେ ଉଦ୍ଧାର କରାଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।


ନଦୀରେ ବୁଡ଼ିଯାଇଥିବା ଗାଡ଼ିଗୁଡ଼ିକୁ ଉଦ୍ଧାର କରାଯାଉଛି ।

## ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

କଳିଙ୍ଗନଗର,୮।୨(ଡି.ଏନ.ଏ.):

ଦାନଗଦି ବ୍ଲକ ଅନ୍ତର୍ଗତ ଖପୁରିଆପଦା ପଞ୍ଚାୟତ ମାର୍ଥାପୁର ଗାଁର ଜଣେ ଚାଷୀ ବିଲରେ କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହେଇଛି। ମୃତ ଚାଷୀ ହେଲେ ମାର୍ଥାପୁର ଗାଁର ନଟବର ଧଳ(୬୨)। ନଟବର ବୁଧବାର ଅପରାହ୍ନରେ ବିଲକୁ କଲରା ତୋଳିବା ପାଇଁ ଯାଇଥିଲେ। ଅନ୍ୟ ଜଣେ ଚାଷୀ ବିଦ୍ୟୁତ୍ ତାରରେ ହୁକ ପକାଇ ବିଲରେ ପାଣି ମଡ଼ାଉଥିବା ବେଳେ ତଳେ ପଡ଼ିଥିବା ତାର ଲିକ ହୋଇ ପାଣି ଚାର୍ଜ ହୋଇଯାଇଥିଲା। ନଟବର ତାର ଉପରେ ଚଢ଼ିଯିବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା ଓ ଘଟଣାସ୍ଥଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଯାଜପୁର ରୋଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଦାନଗଦି ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନା ପଠାଇଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସାମି...ସାମି... ଗୀତରେ ମନମୁଗ୍ଧ କଲେ ସୁନିଧି ଚୌହାନ୍


କାର୍ଯ୍ୟକ୍ରମରେ ବଲିଉଡ୍ କଣ୍ଠଶିଳ୍ପୀ ସୁନିଧି ଚୌହାନ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ଯାଜପୁର ଜିଲା ମହୋତ୍ସବ ସଂଗମ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଯାଜପୁର ଟାଉନ,୮।୨(ଡି.ଏନ.ଏ.):

ଯାଜପୁର ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ବୁଧବାର ସ୍ଥାନୀୟ ବାଳାଶ୍ରମ ପଡ଼ିଆଠାରେ ଅନୁଷ୍ଠିତ ୧୧ତମ ଯାଜପୁର ଜିଲା ମହୋତ୍ସବ ସଂଗମ ଓ ପଲ୍ଲିଶ୍ରୀ ମେଳାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ଯାଜପୁର ଜିଲା ଏକ ଅନନ୍ୟ ଓ ଏହାର ସ୍ୱତନ୍ତ୍ରତା ଭିନ୍ନ। ଏହି ଜିଲାର ଗରିମା ବହୁ ପୁରାତନ। ଏହି ଜିଲା ଅନ୍ୟତମ ସର୍ବଶ୍ରେଷ୍ଠ ଜିଲା ଭାବେ ପରିଗଣିତ ହୋଇଥିବାରୁ ମୁଁ ବକ୍ତିଗତ ଭାବେ ଗର୍ବ ଅନୁଭବ କରୁଛି ବୋଲି କହିଥିଲେ। ମହୋତ୍ସବରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ତଥା ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରଥମେ ଭାଷଣ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ଯାଜପୁର ଜିଲାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ ପ୍ରକଳ୍ପ ପ୍ରଦାନ କରିଥିବାବେଳେ ଯାଜପୁର ଜିଲାବାସୀ ଓ ଜିଲା ନେତାମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅଶେଷ କୃତଜ୍ଞତା ଜ୍ଞାପନ କରିବା ସହ ଦୀର୍ଘାୟୁ ରହି ଓଡ଼ିଶାର ସେବା କରିଚାଲିଥାନ୍ତୁ ବୋଲି ମା' ବିରଜାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ବରୀ ବିଧାୟିକା ସୁନନ୍ଦା ଦାସ ଭାଷଣ ଛଳରେ କହିଥିଲେ, ଏହି ଜିଲାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଅନନ୍ୟ, ଯାଜପୁର ଜିଲା ଅତୀତ ଗୌରବମୟ ଇତିହାସ। ଉଭୟ ଶାକ୍ତ ଓ ଗାଣପତ୍ୟ ସାମ୍ରାଜ୍ୟର ମିଳନର ସୃଷ୍ଟି ହେଉଛି ଯାଜପୁର ଜିଲା। ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲା ଆଜି ସବୁକ୍ଷେତ୍ରରେ ଏକ ଅଗ୍ରଣୀ ଜିଲା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିବା ସହିତ ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚିପାରିଛି ବୋଲି କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଗ୍ରାମ ଉନ୍ନୟନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ ମଧ୍ୟ ସମୟ ଅଭାବରୁ କାହାରିକୁ କହିବା ପାଇଁ ସୁଯୋଗ ମିଳି ନ ଥିଲା। ଏହି ଅବସରରେ 'ଯଯାତି' ସ୍ମରଣିକା ଶୁଭ ଉନ୍ମୋଚନ କରାଯାଇଥିଲା। ସଭାକୁ ଉଦ୍‌ଭାସିକା ଭାବେ ପରିଚାଳନା କରିଥିଲେ ବଲିଉଡ୍‌ର ଅନ୍ୟତମ ଶ୍ରେଷ୍ଠ କଳାକାର ନେହା ଧୁପିଆ। ଏହି ସାଧାରଣ ସଭା ଶେଷହେବା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ମହୋତ୍ସବରେ ବଲିଉଡ୍‌ର ଅନ୍ୟତମ ଶ୍ରେଷ୍ଠ ଗାୟିକା ସୁନିଧି ଚୌହାନ୍ 'ସାମି... ସାମି....', 'ବିଡ଼ି ଜଲେଇଲେ' "ହାଲକା ହାଲକା ସୁରୁର" "ତେରେ ହାଥ୍ ମେ ମେରା ହାଥ୍ ହୋ" ଗୀତ ପରିବେଷଣ କରି ଲୋକମାନଙ୍କୁ ମନମୁଗ୍ଧ କରିଥିଲେ। ମହୋତ୍ସବକୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିଥିଲା।

# ନକଲି ଅଷ୍ଟଧାତୁ ଗଣେଶ ମୂର୍ତ୍ତି ଜବତ, ୫ ଗିରଫ

ରାଜନଗର,୮।୨(ଡି.ଏନ.ଏ.)

ରାଜନଗର ଥାନା ପୋଲିସ ଏକ ନକଲି ଅଷ୍ଟଧାତୁ ଗଣେଶ ମୂର୍ତ୍ତି ଜବତ କରିବା ସହିତ ହଂସିଣା ନିକଟରୁ ୫ ମୂର୍ତ୍ତି ଚୋରଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ନଗଦ ୬୦ହଜାର ଟଙ୍କା, ୬ ମୋବାଇଲ ଫୋନ୍ ସହିତ କାର ଓ ଗୋଟିଏ ମୋପୋଡ଼ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ.୧୪୨/୨୩)ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସର ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ


ଜବତ ନକଲି ଅଷ୍ଟଧାତୁ ଗଣେଶ ମୂର୍ତ୍ତି ।

ଛତ୍ରଧାରୀପାଟଣା ଗାଁର ପ୍ରଭାକର ପାତ୍ର ନିଜ ଘରେ ପୂଜା କରିବା ପାଇଁ ଏକ ଅଷ୍ଟଧାତୁ ଗଣେଶ ମୂର୍ତ୍ତି କିଣିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସେ ଭିତରକନିକା ବୁଲି ଯାଇଥିବା ବେଳେ ତାଳଚୁଆ ଅଞ୍ଚଳର ମୂର୍ତ୍ତି ଚୋର ବାପିନା ମଲିକଙ୍କ ସହ ତାଙ୍କର ଭେଟ ହୋଇଥିଲା। ବାପିନା ଅଷ୍ଟଧାତୁ ମୂର୍ତ୍ତି ଦେବା ପାଇଁ ଫୋନ୍‌ପେ ମାଧ୍ୟମରେ ୨ ହଜାର ଟଙ୍କା ଓ ରତନ ଦାସଙ୍କ ଫୋନପେରେ ୧୦ହଜାର ଟଙ୍କା ନେଇଥିଲେ । ଅଷ୍ଟଧାତୁ ଗଣେଶ ମୂର୍ତ୍ତି ଅଢେଇ କିଲୋରୁ ଅଧିକ ଓଜନର ହେବ, ସେଥିପାଇଁ ମୂର୍ତ୍ତି ମୂଲ୍ୟ ୨ ଲକ୍ଷ ଟଙ୍କା ଦେବାକୁ ହେବ ବୋଲି ସ୍ଥିର ହୋଇଥିଲା। ମଙ୍ଗଳବାର ମୂର୍ତ୍ତି ଦେବାକୁ ବାପିନା ମଲିକ ଓ ତାଙ୍କ ସହଯୋଗୀ ଶୈଳେନ୍ଦ୍ରନଗରର ରତନ ଦାସ, ତାଳଚୁଆର ମୁକ୍ତା ମଣ୍ଡଳ, ହଜି ଅଲ୍ଲୀ ସାହା, ବାଲେଶ୍ୱରର ବିଷ୍ଣୁ ମହାନ୍ତି ତ୍ରିନାଥ ବଜାରସ୍ଥିତ ଡାକବଙ୍ଗଳା ନିକଟକୁ ପ୍ରଭାକରଙ୍କୁ ଡାକିଥିଲେ। ପ୍ରକାକର ସେଠାରେ ପହଞ୍ଚିବା ପରେ ସେ ଆଣିଥିବା ଗଣେଶ ମୂର୍ତ୍ତି ଦେଖାଇଥିଲେ। ଗଣେଶ ମୂର୍ତ୍ତି ଅଷ୍ଟଧାତୁର ହୋଇ ନ ଥିବା ପ୍ରଭାକରଙ୍କ ସନ୍ଦେହ ହୋଇଥିଲା। ମାତ୍ର ସେଠାରେ ଉପସ୍ଥିତ ଯୁବକମାନେ ସେମାନେ ଆଣିଥିବା ମୂର୍ତ୍ତି ନେବାକୁ ପଡିବ ଏବଂ ୨ ଲକ୍ଷ ଟଙ୍କା ଦେବାକୁ ଦାବି କରିଥିଲେ। ପ୍ରଭାକର ମନା କରିବାରୁ ସେମାନେ ମାରଣାସ୍ତ୍ର ଦେଖାଇ ତାଙ୍କ ପାଖରେ ଥିବା ନଗଦ ୬୦ ହଜାର ଟଙ୍କା ନେଇଯାଇଥିଲେ। ଏ ବିଷୟରେ କେଉଁଠି କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ସେମାନେ ଟଙ୍କା ନେଇ ପଳାଇବା ପରେ ପ୍ରଭାକର ରାଜନଗର ଥାନାରେ ଏ ସଂକ୍ରାନ୍ତରେ ଲିଖିତ ଅଭିଯୋଗ କରିଥିଲେ। ରାଜନଗର ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାର୍ଡ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଅଭିଯୁକ୍ତଙ୍କୁ ହଂସିଣା ସେତୁ ନିକଟରୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ନକଲି ଅଷ୍ଟଧାତୁ ଗଣେଶ ମୂର୍ତ୍ତି ସହିତ ଏକ କାର୍, ଗୋଟିଏ ମୋପୋଡ଼, ନଗଦ ୬୦ହଜାର ଟଙ୍କା, ୬ଟି ମୋବାଇଲ ଜବତ କରାଯାଇଛି । ବୁଧବାର ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ରାଜନଗର ଥାନା ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

# ବିଧାୟକଙ୍କୁ ଗିରଫ ଦାବିରେ ଏସ୍‌ପି ଅଫିସ ସମ୍ମୁଖରେ ଭାଜପାର ବିକ୍ଷୋଭ

- ବିଜୟଶଙ୍କରଙ୍କ ପ୍ରେମ ସମ୍ପର୍କ, ବିବାହ ପ୍ରତିଶ୍ରୁତି ମାମଲା
- ସୋମାଲିକାଙ୍କୁ ନ୍ୟାୟ ନ ମିଳିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ ହେବ

ଜଗତ୍‌ସିଂହପୁର ଅଫିସ, ୮।୨

ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ପ୍ରେମ ସମ୍ପର୍କ ଓ ବିବାହ ପ୍ରତିଶ୍ରୁତି ମାମଲା ଦିନକୁ ରାଜନୈତିକ ରୂପ ନେବାରେ ଲାଗିଛି। ବିଧାୟକଙ୍କ ବିରୋଧରେ ତାଙ୍କ ପ୍ରେମିକା ତଥା ସ୍ଥାନୀୟ ଦେଉଳିଗ୍ରାମେଶ୍ୱର ଗାଁର ସଂଗ୍ରାମ କିଶୋର ଦାଶଙ୍କ ଝିଅ ସୋମାଲିକା ଦାଶ(୨୯) ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଜଗତ୍‌ସିଂହପୁର ଥାନାରେ ପୁନଃ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି। ଗତ ୭ ତାରିଖରେ ସୋମାଲିକାଙ୍କୁ ପୋଲିସ ଜଗତ୍‌ସିଂହପୁର ଥାନାରେ ଦୀର୍ଘ ୬ ଘଣ୍ଟା କାଳ ପଚରାଉଚୁରା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରିଛି। କିନ୍ତୁ ଅଭିଯୁକ୍ତ ବିଧାୟକ ଦାସଙ୍କୁ ଗିରଫ ତ ଦୂରର କଥା ପଚରା ଉଚୁରା କରାଯାଉନାହିଁ। ଭାଜପା ଜିଲା ଶାଖା ପକ୍ଷରୁ ଏହାର ପ୍ରତିବାଦ କରାଯାଇ ବିଧାୟକଙ୍କ ତୁରନ୍ତ ଗିରଫ ଦାବିରେ ବୁଧବାର ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଛି। ଦଳୀୟ ନେତା ଓ କର୍ମୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏସ୍‌ପି ରାହୁଲ ପିଆର୍‌ଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏ ସମ୍ପର୍କରେ ଦଳୀୟ ନେତାମାନେ କହିଛନ୍ତି, ଗତ ୫ ତାରିଖରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ମାଧ୍ୟମରେ ବିଧାୟକଙ୍କୁ ୨ ଦିନ ମଧ୍ୟରେ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। କିନ୍ତୁ ଏଯାଏ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ତେଣୁ ବାଧ୍ୟ ହୋଇ ଦଳ ଆନ୍ଦୋଳନକୁ ଓହ୍ଲାଇଛି। ଆବଶ୍ୟକ ପଡ଼ିଲେ କେବଳ ଜିଲା ନୁହେଁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଆନ୍ଦୋଳନକାରୀମାନେ ଏକଥା ମଧ୍ୟ କହିଥିଲେ ୨୦୨୨ ଜୁନ୍‌ରେ ବିଧାୟକ ଦାସଙ୍କ ବିରୋଧରେ ତାଙ୍କ ପ୍ରେମିକା ଦାଶ କେତେଗୋଟି ସଙ୍ଗୀନ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ କଥା ଶୁଣାଯାଇ ନ ଥିଲା। ଯେଉଁ କାରଣରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସେ ପୁଣି ଥରେ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କଲା ପରେ ପୋଲିସ ଦଫା ୩୭୬, ୩୧୩, ୫୦୬, ୩୪ ଆଇପିସିରେ ନଂ. ୯୫/୨୩ରେ ମାମଲା ରୁଜୁ କରିଥିଲା। କିନ୍ତୁ ଏଥି ମଧ୍ୟରେ ଏତେଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଅଭିଯୁକ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପୋଲିସ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ ବିଭାଗ ଗୃହ ବିଭାଗ ଅର୍ଥାତ୍ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟ କରୁଛି। ଜଣେ ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଏଭଳି ହୋଇଥିଲେ ପୋଲିସ କେବେଠାରୁ ଗିରଫ କରି ସାରନ୍ତେଣି। ବିଜୟ ଶଙ୍କର ଶାସକ ଦଳର ବିଧାୟକ ହୋଇଥିବାରୁ ଘଣ୍ଟ ଘୋଡାଯାଉଛି। ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଲାଣି। ରାଜ୍ୟ ସରକାରଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟି ଗଲାଣି। ଭାଜପା କିନ୍ତୁ ସୋମାଲିକାଙ୍କୁ ନ୍ୟାୟ ଦେବା ଯାଏ ଲଢେଇ ଜାରି ରଖିବ ବୋଲି ଦଳୀୟ ନେତାମାନେ କହିଥିଲେ। ଏହି ବିକ୍ଷୋଭରେ ଦଳ ରାଜ୍ୟ ଅନୁସୂଚିତ ଜାତି ସେଲ ଅଧ୍ୟକ୍ଷ ବିଭୂପ୍ରସାଦ ତରାଇ, ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାରାଦୀପ ନେତା ସମ୍ପଦ ସ୍ୱାଇଁ, ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀ ନେତା ରାଜକିଶୋର ବେହେରା, ବାଲିକୁଦା-ଏରସମା ନେତା ଶିବବ୍ରତ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।



ଏସ୍‌ପି ଅଫିସ ସମ୍ମୁଖରେ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଭାବଗ୍ରାହୀ


@ ଦୀପକ


@ ପୂଜା


@ ରଜତ


@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ

ଗୋପବନ୍ଧୁ ନଗର,୮।୨(ଡି.ଏନ.ଏ.):

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଡୁକୁରା ଗ୍ରାମରେ ଜଣେ ମହିଳା ନିଆଁରେ ପୋଡ଼ି ଚିକିତ୍ସାଧିନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଚୁନୁଡିହା ଗ୍ରାମର ମହେନ୍ଦ୍ର ବେହେରାଙ୍କ ସ୍ତ୍ରୀ ରଞ୍ଜୁଲତା (୨୪)। ରଞ୍ଜୁଲତା କିଛି ଦିନ ତଳେ ଡୁକୁରାସ୍ଥିତ ବାପ ଘରକୁ ବୁଲିବାକୁ ଆସିଥିବା ବେଳେ ଗତ ୩ ତାରିଖ ସକାଳେ ଶୀତ ଯୋଗୁ ଘର ବାଡ଼ିରେ ନିଆଁ ଜାଳି ବସିଥିଲେ। ତେବେ ଅସାବଧାନତା ବଶତଃ ତାଙ୍କ ଶାଢିରେ ନିଆଁ ଲାଗି ଯିବାରୁ ସେ ପୋଡ଼ି ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନିଆ ଯାଇଥିଲେ ମଧ୍ୟ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମାଜିଷ୍ଟ୍ରେଟ ବନଜା ପାତ୍ରଙ୍କ ଉପସ୍ଥିତିରେ ବାରିପଦା ଡାକ୍ତରଖାନାରେ ବୁଧବାର ଶବ ବ୍ୟବଚ୍ଛେଦ କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୩) ରୁଜୁ ହୋଇଛି। ରଞ୍ଜୁଲତା ଦୁଇ ବର୍ଷ ତଳେ ମହେନ୍ଦ୍ରଙ୍କୁ ଭଲ ପାଇ ବିବାହ କରିଥିଲେ। ତାଙ୍କର ୭ ମାସର ଏକ ଶିଶୁ ସନ୍ତାନ ଅଛି।

# ଆସୁନାହାନ୍ତି ମିଲର, ଜଗି ବସିଛନ୍ତି ଚାଷୀ



ପଞ୍ଚରିଡ଼ା ଓ ମାନପୁରର ଚାଷୀମାନେ ମିଲରଙ୍କୁ ଅପେକ୍ଷା କରିଛନ୍ତି ।

## ଦୂର ହେଉନି ଧାନକିଣାରେ ଅବ୍ୟବସ୍ଥା

ନୟାଗଡ଼ ଅଫିସ,୮।୨

ନୟାଗଡ଼ ଜିଲାରେ ଧାନ କ୍ରୟ ଶେଷ ହୋଇଆସୁଛି । ଏଭଳିସ୍ଥଳେ ଧାନକିଣାରେ ଦେଖା ଦେଇଥିବା ଅବ୍ୟବସ୍ଥା ଦୂର ହୋଇ ପାରୁନି । ଓଡ଼ଗାଁ ବ୍ଲକ ପଞ୍ଚରିଡା ମାନପୁର ଧାନକ୍ରୟ କେନ୍ଦ୍ର(ମଣ୍ଡି)ରେ ମିଲରକୁ ଅପେକ୍ଷା କରି ବସିଛନ୍ତି ଚାଷୀ । ଅଥଚ ମିଲର ଆସୁ ନାହାନ୍ତି କି ଧାନ ନେବା ପାଇଁ ଗାଡ଼ି ପଠାଉ ନାହାନ୍ତି । କେତେଜଣ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଛି। ଏଭଳିସ୍ଥଳେ ଗତ ପାଳିରେ ଚାଷୀ ମଣ୍ଡିଠାରୁ ୧ କିମି ଦୂର ଯାଇ ମିଲରଙ୍କୁ ଧାନ ବିକ୍ରି କରିଥିଲା । ଏଥର ଅବସ୍ଥା ପୁରା ଅସମ୍ଭାଳ ହେଲାଣି । ଏନେଇ ଚାଷୀ ଗଙ୍ଗା ରାଉତ ଓ ଭଗବାନ ଭୋଳ କୁହନ୍ତି, ପଞ୍ଚରିଡ଼ା ମାନପୁର ଓ ଗୋଡ଼ିପଲ୍ଲି ପାଇଁ ପଞ୍ଚରିଡ଼ା ମାନପୁରଠାରେ ମଣ୍ଡି ଖୋଲିଛି । ତେବେ ସମ୍ବଲପୁର ମିଲର ଧାନ କିଣିବାକୁ ଆସୁ ନାହାନ୍ତି । ନୟାଗଡ଼ ମିଲରଙ୍କଠାରୁ ସମ୍ବଲପୁର ମିଲର ଭଲ ହୋଇଥିଲେ ହେଁ ଆମ ମଣ୍ଡିକୁ କାହିଁକି ଅଣଦେଖା କରୁଛି ବୁଝାପଡୁନି । ଗତ ଶୁକ୍ରବାରଠାରୁ ଧାନ ବିକ୍ରି କରିବାକୁ ଚାଷୀମାନେ ଅପେକ୍ଷା କରି ବସିଛନ୍ତି ।

**ବଡ଼ ଚାଷୀଙ୍କ ଟୋକନ ଆସିନି:** ବଡ଼ ଓ ମଧ୍ୟବିତ୍ତ ଚାଷୀଙ୍କ ଧାନ ବିକ୍ରି ପାଇଁ ଟୋକନ ଆସୁନି । ଟୋକନ ଆସିବ କି ନାହିଁ ଜଣାପଡୁ ନାହିଁ । ଚାଷୀମାନେ କାହିଁକି ଟୋକନ ଆସୁନି ବୋଲି ପାକ୍ସ ସମ୍ପାଦକ ଓ ଯୋଗାଣ ବିଭାଗକୁ ବାରମ୍ବାର ପଚାରୁଛନ୍ତି। ତେବେ ସମସ୍ତଙ୍କଠାରୁ ଉତ୍ତର ମିଳୁଛି ଅପେକ୍ଷା କର, ଟୋକନ ଆସିବ । ଅନ୍ୟପକ୍ଷେ ଟୋକନ ଥାଇବି କେତେଜଣ ଚାଷୀ ଧାନ କିଣାର ଅବ୍ୟବସ୍ଥା ଦେଖି ମଣ୍ଡିକୁ ଯାଉ ନାହାନ୍ତି । ସ୍ୱଳ୍ପ ଦାମରେ ଚାଷୀ ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଛି । ଚାଷୀଙ୍କ ସମସ୍ୟା ସମାଧାନ ହେଉ ନ ଥିବାରୁ ମଧ୍ୟସ୍ଥି, ବ୍ୟବସାୟୀମାନେ ମିଲର ଓ ପାକ୍ସ ସମ୍ପାଦକଙ୍କୁ ଧରାଧରି କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି । ମିଲର ଓ ପାକ୍ସସମ୍ପାଦକ ମଧ୍ୟ ଅନୁରୂପ ଭାବେ ମଧ୍ୟସ୍ଥି ଓ ବ୍ୟବସାୟ ଯୋଗୁ ଲାଭରେ ରହୁଛନ୍ତି ।

**ମଧ୍ୟସ୍ଥି କରୁଛନ୍ତି ପାକ୍ସ କର୍ମଚାରୀ:** ଚଢ଼େୟାପଲି ପାକ୍ସର କେତେଜଣ କର୍ମଚାରୀ କଳସାଖମଣ ପାକ୍ସ ଅଞ୍ଚଳରୁ ଧାନ କିଣୁଛନ୍ତି। ସେହି ଧାନକୁ କେତେଜଣ ଚାଷୀଙ୍କୁ ହାତଗୁଞ୍ଜା ଦେଇ ଚଢ଼େୟାପଲି ପାକ୍ସରେ ବିକ୍ରୟ କରୁଛନ୍ତି । ପାକ୍ସ କର୍ମଚାରୀଙ୍କ ଏହି ମଧ୍ୟସ୍ଥି ନୀତକୁ ଚାଷୀମାନେ ନାପସନ୍ଦ କରୁଛନ୍ତି । ହେଲେ ଆଦିବିସୀ ଅଧ୍ୟୁଷିତ ଅଞ୍ଚଳର ଏପରି ଅସୁବିଧାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଅପରପକ୍ଷେ ଚଢ଼େୟାପଲି ଓ କଳାସଖମଣ ପାକ୍ସରେ ନେଟ୍‌ୱାର୍କ କାମ କରୁ ନାହିଁ । ଏଣୁ ସେଠାରେ ଅଫ୍‌ଲାଇନରେ ଧାନ କିଣା ଚାଲିଛି । ଗତ ବର୍ଷ ଅଫ୍‌ଲାଇନରେ ଧାନ କିଣା ହୋଇ ୩୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଧାନ କିଣା ଟଙ୍କା ଆତ୍ମସାତ୍ କରାଯାଇଥିଲା । ଏଠାର ଚାଷୀମାନେ ବିଷ ବୋତଲ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ। ଚଳିତ ବର୍ଷ ପୁଣି ସେହିପରି ଧାନ କିଣାରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି । ଏଣୁ ଯୋଗାଣ ବିଭାଗ ଓ ପ୍ରଶାସନ ଆଗୁଆ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରାଯାଇଛି।

### ହଇରାଣ କରୁଛନ୍ତି ପାକ୍ସ ସମ୍ପାଦକ

ଦଶପଲ୍ଲା ବ୍ଲକ ଅଞ୍ଚଳରେ କେତେଜଣ ପାକ୍ସ ସମ୍ପାଦକ ଚାଷୀଙ୍କୁ ଖର୍ଚ୍ଚାନ୍ତ କରି ନୟାଗଡ଼ ଓ ସମ୍ବଲପୁର ମିଲରଙ୍କ ପାଖକୁ ଦୌଡାଉଛନ୍ତି । ବାରପୁରିକିଆ ଗାଁର ଲକ୍ଷ୍ମୀଧର ଘଡେଇ ନାମକ ଜଣେ ଚାଷୀଙ୍କୁ ଏହାର ଉଦାହରଣ ଭାବେ ନିଆଯାଇପାରେ । ଲକ୍ଷ୍ମୀଧରଙ୍କୁ ମେସେଜ ଆସିଥିଲା ୨୦ ତାରିଖ ସୁଦ୍ଧା ୧୯୮ କୁଇଣ୍ଟାଲ ଧାନ ବିକ୍ରି କରିବାକୁ । ଚାଷୀ ପାକ୍ସ ସମ୍ପାଦକଙ୍କ ସହ ଯୋଗାଯୋଗ କରି ଜାନୁୟାରୀ ୧୮ ଓ ୧୯ରେ ଧାନ ଆଣିଥିଲେ । ତେବେ ଦଶପଲ୍ଲାର ପାକ୍ସ ସମ୍ପାଦକ ପୁଣି ଚାଷୀଙ୍କୁ ପରାମର୍ଶ ଦେଇଥିଲେ ଆପଣ ଧାନ ନେଇ ନଛିପୁର ମିଲରେ ଦେଇ ଏଣ୍ଟ୍ରି କରି ରସିଦ ଆଣିବେ। ସମ୍ପାଦକଙ୍କ ପରାମର୍ଶ ଅନୁସାରେ ଚାଷୀ ରସିଦ୍ ଆଣିଥିଲେ । ଏବେ ପୁଣି କହୁଛନ୍ତି ତୁମେ ନଛିପୁର ମିଲରୁ ଧାନ ଫେରାଇ ଆଣି ସମ୍ବଲପୁର ମିଲରଙ୍କୁ ଦିଅ । ଲକ୍ଷ୍ମୀଧର ଯୁକ୍ତି ବାଢ଼ିଥିଲେ ୩ ଦିନ କାଳ ମିଲରେ ଧାନ ଦେଲି । ଏଥିପାଇଁ ଗାଡ଼ି ଖର୍ଚ୍ଚ, ଶ୍ରମିକ ଖର୍ଚ୍ଚ ଓ ଅଖା ଖର୍ଚ୍ଚ ଦେବାକୁ ପଡିଛି । ମୁଁ ପୁଣିଥରେ ଖର୍ଚ୍ଚାନ୍ତ ହୋଇ ଧାନ ଆଣି ସମ୍ବଲପୁର ମିଲରଙ୍କୁ ଧାନ କାହିଁକି ଦେବି । ଏଭଳିସ୍ଥଳେ ପାକ୍ସ ସମ୍ପାଦକ ଚାଷୀ ଉପରେ ବିରକ୍ତ ପ୍ରକାଶ କରି ଧାନ ଟଙ୍କା ମିଳିବନି କହୁଛନ୍ତି। ଚାଷୀ ପାକ୍ସ ସମ୍ପାଦକଙ୍କ କଥା ଶୁଣି କ'ଣ କରିବେ କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି। ପ୍ୟାକ୍ସ ସମ୍ପାଦକଙ୍କୁ ଚାଷୀ ହଇରାଣ ନୀତିକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ସଂକ୍ଷେପରେ

### କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଧମକ ନେଇ ଥାନାରେ ମାମଲା

**ଖଣ୍ଡପଡ଼ା,୮।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ ଉପାଧକ୍ଷ ମିହିର କୁମାର ମିଶ୍ରଙ୍କୁ ଏକ ପ୍ରକୋଷ୍ଠ ଯୋଗାଇବା ଦାବି କରି ମଙ୍ଗଳବାର ଉପାଧକ୍ଷ ନିଜେ କାଉନସିଲରଙ୍କ ଗହଣରେ ଏନଏସି କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ । ଏଥି ସହିତ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପାଟିତୁଣ୍ଡ କରିବା ସହ ନାନା ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି । ଉପାଧକ୍ଷଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି କାର୍ଯ୍ୟ ନିର୍ବାହୀ ଅଧିକାରୀ ଇଂ. ଅଶୋକ କୁମାର ରାଉତ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଉପାଧକ୍ଷଙ୍କ ସମେତ ୩ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା(ନଂ.୨୨/୨୩) ରୁଜୁ କରିଛି ବୋଲି ଖଣ୍ଡପଡ଼ା ଥାନା ଅଧିକାରୀ ରମେଶ କୁମାର ଦେବତା କହିଛନ୍ତି।

### ୨୦ କିଲୋରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ, ୮।୨: ଅବକାରୀ ଗୋଇନ୍ଦା ଟିମ୍ ବୁଧବାର ସନ୍ଧ୍ୟାରେ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ନିକଟରୁ ଗଞ୍ଜେଇ ଜବତ କରିଛି। ଦୁଇ ଜଣ ଗଞ୍ଜେଇ ଚାଲାଣ କାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୦ କେଜି ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବିହାର ଗୟା ଗ୍ରାମର କ୍ରିଷ୍ଣା ପ୍ରଜାପତି ଓ କୌଶିଲ। ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରେ ଦୁଇଜଣ ଯୁବକ ସନ୍ଦେହ ଜନକ ଅବସ୍ଥାରେ ଠିଆ ହୋଇଥିବା ବେଳେ ଟିମ୍ ତାଙ୍କୁ ଧରି ପଚରାଉଚରା କରିଥିଲା। ପରେ ସେମାନଙ୍କ ନିକଟରୁ ଉକ୍ତ ଗଞ୍ଜେଇ ଜବତ କରିଥିଲା ବୋଲି ସୂଚନା ଦେଇଛି।

# ନିର୍ମାଣର ୩ ମାସ ପୂରିନି ରାସ୍ତା ଫାଟି ଆଁ

ନୂଆଗାଁ,୮।୨ (ଡି.ଏନ.ଏ.)

■ ବିଲ୍ କରିବା ପାଇଁ ବଢୁଛି ଚାପ
■ ପୁନର୍ବାର ଠିକ୍ ରାସ୍ତା ନିର୍ମାଣ କଲେ ଦିଆଯିବ ବିଲ୍

ଜନସାଧାରଣଙ୍କ ଗମନାଗମନର ସୁବିଧା ପାଇଁ ରାସ୍ତା ନିର୍ମାଣ ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି । ଏଥିପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି । ହେଲେ କେତେଜଣ ଅସାଧୁ କର୍ମଚାରୀ, ଅଧିକାରୀ ଓ ଠିକାଦାରଙ୍କ ମନମୁଖୀ କାମ ଯୋଗୁ ଲୋକେ ଭଲ ରାସ୍ତାରେ ଯାତାୟତ କରିପାରୁ ନାହାନ୍ତି। ନିମ୍ନମାନର କାମ ବହୁ ପ୍ରତୀକ୍ଷିତ ରାସ୍ତା ନିର୍ମାଣର ଅଳ୍ପ କିଛି ଦିନ ପରେ ଭାଙ୍ଗି ଯାଉଛି। ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତରେ ଏପରି ରାସ୍ତା ନିର୍ମାଣ ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।



ଡିପିସାହିଠାରୁ ବେଗୁନିଆସାହି ରାସ୍ତା ଫାଟି ଆଁ କରିଛି ।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଡିପିସାହି, ଡିପାମାଳ, ଚକାପଥର , ଗୋଛାବାରୀ, ନୂଆସାହି ଆଦି ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଲୋକମାନଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି । ବର୍ଷା ଦିନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରିବା, ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯିବା, ଆସିବା କରିବାରେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏପରି କି ରୋଗୀମାନଙ୍କୁ ଡାକ୍ତରଖାନା ନେବା ସମ୍ଭବ ହୋଇ ପାରୁ ନ ଥିଲା ଆମ୍ବୁଲାନ୍ସ ଗାଁ ଭିତରକୁ ଆସି ପାରୁ ନ ଥିଲା । ଏଥିପାଇଁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଦାବି ହୋଇ ଆସୁଥିଲା। ତେଣୁ ଡିପିସାହିଠାରୁ ବେଗୁନିଆସାହି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ସରକାରଙ୍କ ତରଫରୁ ୩ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା । ଉକ୍ତ ରାସ୍ତା ନିର୍ମାଣର କାର୍ଯ୍ୟାଦେଶ ଯନ୍ତ୍ରୀଙ୍କ ନାମରେ ରହିଥିବା ବେଳେ ଠିକାଦାରଙ୍କୁ କାମ କରିବାର ଦାୟିତ୍ୱ ଦିଆଯାଇଥିଲା । ହେଲେ ନିର୍ମାଣସ୍ଥଳୀରେ ସୂଚନା ଫଳକ ନ ଲଗାଇ ଠିକାଦାର ନିମ୍ନମାନର କାମ କରୁଥିଲେ । ଏହାକୁ ଡିପିସାହିବାସୀ ବିରୋଧ କରୁଥିଲେ ମଧ୍ୟ ଠିକାଦାର ତାହାକୁ ଖାତିର କରି ନ ଥିଲେ । ତରବରିଆ ଭାବେ ନିମ୍ନମାନର କାମ କରି ବିଲ କରିବା ଉଦ୍ଦେଶ୍ୟରେ ଠିକାଦାର ଫଳକ ନିର୍ମାଣ କରିଥିଲେ। ହେଲେ ଗ୍ରାମବାସୀ ସେହି ଫଳକକୁ ଭାଙ୍ଗି ଦେଇଥିଲେ । ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା କାମ ସରିବାର ୩ ମାସ ନ ପୂରୁଣୁ ବିଭିନ୍ନ ସ୍ଥାନ ଫାଟି ଆଁ କରିଛି। ଏହାପରେ ବି ଠିକାଦାର ବିଲ୍ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏପରିକି ରାଜନୈତିକ ଚାପ ପକାଉଥିବା କଥା ବ୍ଲକର କେତେଜଣ କର୍ମଚାରୀ କହିଛନ୍ତି । ରାସ୍ତା ଫାଟିବା ଓ ବିଲ ବାବଦରେ ନୂଆଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡାଙ୍କୁ ପଚାରିବାରେ ରାସ୍ତା ଫାଟିବା ବାବଦରେ ମୁଁ ଅବଗତ ଅଛି । ଖଳିମାଟି ଯୋଗୁ ରାସ୍ତା ଫାଟିଲା । ସେହି ରାସ୍ତା କାର୍ଯ୍ୟର ଫାଇଲ ମୋ ପାଖରେ ଅଛି। ଠିକାଦାର ପୁନର୍ବାର ରାସ୍ତା ନିର୍ମାଣ କଲା ପରେ ବିଲ୍ କରାଯିବ ବୋଲି ସେ କହିଛନ୍ତି।

# ସେମିଫାଇନାଲରେ ଇଟାମାଟି

## ରାଜ୍ୟସ୍ତରୀୟ କପ୍ ଫୁଟବଲ୍

ନୟାଗଡ଼ ଅଫିସ,୮।୨

ଇଟାମାଟି ଯଦୁମଣି ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ଇଟାମାଟିର ବାମନ ଅବକାଶ ହାଇସ୍କୁଲ ଖେଳ ପଡିଆରେ ୧୫ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଚାଲୁ ରହିଛି । ଏହାର ୩ୟ ଦିବସ ମ୍ୟାଚରେ ଆୟୋଜକ ଯଦୁମଣି ଆଥଲେଟିକ୍ ଆସୋସିଏଶନ ୨-୦ ଗୋଲରେ ନୀଳଚକ୍ର ସ୍ପୋର୍ଟସ କ୍ଲବ ପୁରୀକୁ ପରାସ୍ତ କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି। ପ୍ରଥମାର୍ଦ୍ଧ ଖେଳ ବେଶ ସଂଘର୍ଷପୂର୍ଣ୍ଣ ଥିଲା। ଇଟାମାଟି ଦଳର ଖେଳାଳୀ ବାପୁନି ବେହେରା ୨ଟି ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ । ପୁରୀ ଦଳର ଖେଳାଳୀ କାହ୍ନା ମଲ୍ଲିକ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଛନ୍ତି । ନୟାଗଡ଼ ଜିଲା ଆଥ୍ଲେଟିକ ଆସୋସିଏଶନର ସମ୍ପାଦକ ଅମୀୟ ମୋହନ ସାହୁ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଖେଳ ପରିଚାଳନା ଏସ୍.କେ.ହାୟଦ ଓ ସହଯୋଗୀ କରିଥିଲେ। ମୁଖ୍ୟଅତିଥି ଭାବେ ଟାଉନ ଥାନା ନୟାଗଡ଼ର ଏସଆଇ ଧର୍ମେନ୍ଦ୍ର ସିଆଳ ଓ ଇଟାମାଟି ସରପଞ୍ଚ ସ୍ୱପ୍ନେଶ୍ୱର ସେଠୀ, ସମିତି ସଭ୍ୟା ଗୋଲପରାଣୀ ସେଠୀ, ମହିଳା ସଂଘର ସମ୍ପାଦିକା ବିମଳା ମହାନ୍ତି, ପ୍ରତିମା ବାଇ ଓ ଅର୍ପିତା ବେକେରୀର ପ୍ରୋପାଇଟର ଅନନ୍ତ କୁମାର ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ଗୁରୁବାରର ଖେଳ ବଜରଙ୍ଗ ବାଲି ଭୁବନେଶ୍ୱର ବନାମ ଭଞ୍ଜନଗର ଏପସି ଗଞ୍ଜାମ ମଧ୍ୟରେ ହେବବୋଲି ଜଣାପଡିଛି ।

# ଅଞ୍ଚଳବାସୀଙ୍କ ପାଇଁ ଅଭିଶାପ ପାଲଟିଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ

ଖଣ୍ଡପଡ଼ା,୮।୨(ସ୍ୱ.ପ୍ର.)

■ ସିଂଘାପଡ଼ା-ସମ୍ବରବିନ୍ଧା ରାସ୍ତାକୁ ନେଇ ଜନ ଅସନ୍ତୋଷ
■ ସମୟ ସୀମା ଶେଷ ପରେ ବି ନିର୍ମାଣ ଅଧା

ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଖଳିସାହି ଠାରୁ ସମ୍ବରବିନ୍ଧା ଭାୟା ସିଂଘାପଡ଼ା ତଥା ସିଂଘାପଡ଼ା-ସମ୍ବରବିନ୍ଧା ରାସ୍ତାର ଦୁରାବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ରାସ୍ତାର ଉନ୍ନତିକରଣ ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଦେଢ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିଲା । ପ୍ରାୟ ୩ ମାସ ତଳୁ ଠିକାଦାର ରାସ୍ତାର ଉନ୍ନତିକରଣ କାମ ଆରମ୍ଭ କରିଥିଲେ । ରାସ୍ତା ଉପରୁ ପିଚୁ ତଡାଯାଇ ମେଟାଲ ଓ କ୍ରସର ଡଷ୍ଟ ବିଛାଯାଇଛି । ତେବେ ପରବର୍ତ୍ତୀ କାମ କରା ନ ଯାଇ ଦୀର୍ଘ ୩ ମାସ ହେଲା କାମ ବନ୍ଦ ରହିଛି । ଉକ୍ତ ରାସ୍ତା ଉପରେ ବିଭିନ୍ନ ଯାନବାହନ ଚଳାଚଳ କରିବା ଯୋଗୁ ପଡିଥିବା ମେଟାଲ ଓ ଡଷ୍ଟ ଆଉ ସମତଳ ଅବସ୍ଥାରେ ନାହିଁ । ଡଷ୍ଟ ଉଡ଼ି ଗମନାଗମନରେ ସମସ୍ୟା ସୃଷ୍ଟି କରୁଛି । ଏଥିପାଇଁ ସ୍ଥାନୀୟ ଜନସାଧାରଣ ଅତିଷ୍ଠ ହୋଇପଡୁଛନ୍ତି । ରାସ୍ତା ପାର୍ଶ୍ୱରେ ସ୍ଥାୟୀ ବାସଗୃହ ନିର୍ମାଣ କରିରହୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସ୍ଥାନୀୟ ଅଞ୍ଚଳର ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଆନନ୍ଦ ଚନ୍ଦ୍ର ସାହୁ, କାଳନ୍ଦୀ ଚରଣ ପଣ୍ଡା, ଗୋବର୍ଦ୍ଧନ ସ୍ୱାଇଁଙ୍କ ସମେତ ଅନେକ ବ୍ୟକ୍ତି ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୂର୍ବରୁ ରାସ୍ତା ଖରାପ ରହିଥିଲେ ମଧ୍ୟ ଲୋକେ ସାଇକେଲ, କିମ୍ବା ବିଭିନ୍ନ ଯାନବାହନରେ ସତର୍କତାର ସହିତ ଯାତାୟତ କରିପାରୁଥିଲେ । ପରେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇଥିବା ଜାଣି ଅଞ୍ଚଳବାସୀ ଖୁସି ହୋଇଥିଲେ । ମାତ୍ର ନିଯୁକ୍ତ ଠିକାଦାରଙ୍କ ଏଭଳି କାର୍ଯ୍ୟ ଶୈଳୀ ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏ ସମ୍ପର୍କରେ ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ସହ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ପରେ ବି କୌଣସି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ନୟାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଜୟନ୍ତୀ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ଠିକାଦାର ରାସ୍ତାକୁ ତାଡି ଅଧାପନ୍ତରିଆ ଭାବେ କାମ ବନ୍ଦ କରିଦେଇଛନ୍ତି। ତାଙ୍କୁ କାମ ସମ୍ପନ୍ନ କରିବାକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଇତିମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବାର ସମୟ ସୀମା ଶେଷ ହୋଇଗଲାଣି। ମାର୍ଚ୍ଚ ଶେଷ ସୁଦ୍ଧା କାମ ଶେଷ ହେବ ବୋଲି ସହକାରୀ ଯନ୍ତ୍ରୀ ଇଂ.ପଣ୍ଡା ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଉକ୍ତ ରାସ୍ତା କାମ ୨୦୨୨ ଜାନୁୟାରୀ ୩ ରୁ ଆରମ୍ଭ ହୋଇ ୨୦୨୨ ଅକ୍ଟୋବର୨ରେ ଶେଷ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଥିଲା।



ରାସ୍ତା ଆବଡ଼ାଖାବଡ଼ା ହୋଇ ପଡ଼ିଛି।





ଲଗାଯାଇଥିବା ଫଳକ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଭାବଗ୍ରାହୀ



@ ଦୀପକ



@ ପୂଜା



@ ରଜତ



@ ରୁଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ମାସରେ ନିର୍ମାଣ ହେଲା ମନ୍ଦିର

## କଳସ ଶୋଭାଯାତ୍ରାରୁ ମନ୍ଦିର ପ୍ରତିଷ୍ଠା

ନୟାଗଡ଼ ଅଫିସ,୮।୨

ନୟାଗଡ ସହର ଉପକଣ୍ଠ ଦୁର୍ଗାପ୍ରସାଦ ଗାଁରେ ଜଳେଶ୍ୱର ମହାଦେବ ଓ ମହାବୀର ଜୀଉଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଗତ ୭ ତାରିଖରୁ ଏହି କାର୍ଯ୍ୟକ୍ରମ ୪ ଦିନ ପର୍ଯ୍ୟନ୍ତ କରାଯାଇ ୧୦ରେ ଉଦ୍‌ଯାପନ ହେବ । ଏ ଅବସରରେ ମଙ୍ଗଳବାର ଅଙ୍କୁରାରୋପଣ ଓ ନାମ ସଂକୀର୍ତ୍ତନ କରାଯାଇଥିଲା । ବୁଧବାର ଲୁଣିଝରା ନଦୀର ବାରବାଟି ଠାରୁ ୨୬୦ ମହିଳା ପୁରୁଷ କଳସରେ ପାଣି ଧରି ଦୁର୍ଗାପ୍ରସାଦ ଠାରେ ପହଞ୍ଚିବା ପରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା । ଅନ୍ୟପକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ମଧ୍ୟ ଅନୁରୂପ ଭାବେ ଆରମ୍ଭ ହୋଇଛି । ସନ୍ଧ୍ୟାରେ ପଣ୍ଡିତ ପାର୍ଥ ସାରଥି ମହାନ୍ତି ପ୍ରବଚନ ରଖିଛନ୍ତି। ସୂଚନାଯୋଗ୍ୟ, ଦୁର୍ଗାପ୍ରସାଦରେ ଶିବ ମନ୍ଦିର ନ ଥିଲା । ଗାଁ ଲୋକ କୋଠ ସମ୍ପତ୍ତି ଓ ନିଜସ୍ୱ ଅର୍ଥରୁ ୬ମାସ ମଧ୍ୟରେ ଏକ ମନ୍ଦିର ନିର୍ମାଣ କରି ପାରିଛନ୍ତି ।

